୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.51 Bhubaneswar Tuesday April 01 2025 | ୨୭ତମ ବର୍ଷ ସଂଖ୍ୟା–୫୧ ଭୁବନେଶ୍ୱର, ମଙ୍ଗଳବାର, ଅପ୍ରେଲ ୦୧, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ଓଡ଼ିଶା ଦିବସ – ୨୦୨୫ ଅବସରରେ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ବାର୍ତ୍ତା



ମୁଁ ଜାଣି ଆନନ୍ଦିତ ଯେ ଓଡ଼ିଶା ସରକାର ୧ ଏପ୍ରିଲ, ୨୦୨୫ ଦିନ ଓଡ଼ିଶା ଦିବସ ପାଳନ କରୁଛନ୍ତି।

ଏହି ଉତ୍ସବ ଓଡ଼ିଶାର ଲୋକଙ୍କ ସମୃଦ୍ଧ ସାଂସ୍କୃତିକ, ଐତିହ୍ୟ, ଇତିହାସ ଏବଂ ବିବିଧ ପରମ୍ପରାକୁ ପ୍ରଦର୍ଶନ କରିବା ସହ ବିଶ୍ୱବ୍ୟାପୀ ଓଡ଼ିଆ ଲୋକଙ୍କ ମଧ୍ୟରେ ଏକତା ଏବଂ ଗର୍ବର ଭାବନାକୁ ପ୍ରୋତ୍ସାହିତ କରିଥାଏ। ଏହି ଦିବସ ଆମକୁ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏବଂ ଅନ୍ୟାନ୍ୟ ମହାନ୍ ନେତାଙ୍କ ସମେତ ସ୍ୱାଧୀନତା ସଂଗ୍ରାମୀ ଏବଂ ଆଧୁନିକ ଓଡ଼ିଶାର ନିର୍ମାତାଙ୍କୁ ସ୍ମରଣ କରିବା ଏବଂ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଏକ ସୁଯୋଗ ଦେଉଛି। ରାଜ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିଛି। ରାଜ୍ୟ ସରକାର ସ୍ଥାୟୀ ବିକାଶ, ମହିଳା ସଶକ୍ତିକରଣ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି।

ମୁଁ ନିଶ୍ଚିତ ଯେ ସରକାର ଏବଂ ରାଜ୍ୟବାସୀ ଏକାଠି ହୋଇ ସମସ୍ତଙ୍କ ପାଇଁ ଉଜ୍ଜ୍ୱଳ ଏବଂ ନ୍ୟାୟୋଚିତ ଭବିଷ୍ୟତ ଆଣିବା ଦିଗରେ କାମ କରିବେ। ଏହି ଅବସରରେ, ମୁଁ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ଉତ୍ସବର ସଫଳତା କାମନା କରୁଛି।

(ଦ୍ରୌପଦୀ ମୁର୍ମୁ)

DADLS-04
15001/13/0478/2425

## ଓଡ଼ିଶା ଦିବସ – ୨୦୨୫ ଅବସରରେ ଭାରତର ମାନ୍ୟବର ଉପରାଷ୍ଟ୍ରପତିଙ୍କ ବାର୍ତ୍ତା



୧ ଏପ୍ରିଲ ୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପ୍ରତିଷ୍ଠା ପାଇବା, ଏକ ଅପ୍ରତ୍ୟାଶିତ ବା ଆକସ୍ମିକ ଘଟଣା ନ ଥିଲା ବରଂ ଏହା ଅଗଣିତ ସ୍ୱାଧୀନତା ସଂଗ୍ରାମୀ, ପ୍ରଖ୍ୟାତଯଶା ସାହିତ୍ୟ ସାଧକ ତଥା ରାଷ୍ଟ୍ରପ୍ରାଣ ସମର୍ପିତ ବ୍ୟକ୍ତିଙ୍କ ସୁଚିନ୍ତିତ ଏବଂ ଦୃଢ଼ ପ୍ରୟାସର ସଫଳ ରୂପାୟନ ସ୍ୱରୂପ ଆମ ଆଗରେ ପ୍ରତିଭାତ ହୋଇଥିଲା।

ଆଧୁନିକ ଓଡ଼ିଶାର ମୂର୍ତ୍ତିକାର ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି ଏବଂ କର୍ମବୀର ଗୌରୀଶଙ୍କର ରାୟଙ୍କ ସମେତ ବନ୍ଦନୀୟ ନେତୃବର୍ଗଙ୍କ ସ୍ମୃତି ପ୍ରତି ଆମେ ଆଜି ଗଭୀର କୃତଜ୍ଞତା ଏବଂ ଆନ୍ତରିକ ଭକ୍ତି ନିବେଦନ କରୁଛୁ।

ଆଜି, ଓଡ଼ିଶା ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ପ୍ରଗତିରେ ଏକ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ସ୍ୱରୂପ ଠିଆ ହୋଇଛି। ଏହାର ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଜାତୀୟ ବିକାଶକୁ ତ୍ୱରାନ୍ୱିତ କରୁଛି ଏବଂ ଏଥି ସହିତ ମହିଳା ସଶକ୍ତିକରଣ ଏବଂ ଶିଳ୍ପାୟନ ଆଦି ଦିଗରେ ଓଡ଼ିଶାର ଯୁଗାନ୍ତକାରୀ ସଫଳତା ଆଜି ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ହୋଇପାରିଛି।

ଏହି ଶୁଭ ଅବସରରେ, ମୁଁ ଓଡ଼ିଶାବାସୀ ଏବଂ ଏହାର ସୁଶାସନ ସହ ସମ୍ପୃକ୍ତ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି। ରାଜ୍ୟ ଅଧିକ ସମୃଦ୍ଧି ଏବଂ ଉତ୍କର୍ଷତା ଆଡ଼କୁ ଏହାର ଉଲ୍ଲେଖନୀୟ ଯାତ୍ରା ଜାରି ରଖୁ, ଏହି କାମନା କରୁଛି।

ଜୟ ହିନ୍ଦ୍। ଜୟ ଓଡ଼ିଶା।

(ଜଗଦୀପ ଧନଖଡ଼)



## ପବିତ୍ର ଓଡ଼ିଶା ଦିବସ–୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ–୨୦୨୫ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛାଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମପାଟି)

DADLS-01
15001/13/0468/2425

## ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଓଡ଼ିଶା ଦିବସ ଅବସରରେ ଓଡ଼ିଶା ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସବୁ ଓଡ଼ିଆ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ନିଜର ମୂଲ୍ୟବାନ ଅବଦାନ ରଖିଥିବା ସମସ୍ତ ବରପୁତ୍ର ମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ ପାଇଁ ଆମେ ସମସ୍ତେ ଦୃଢ଼ ସଂକଳ୍ପ ନେଇ କାମ କରିଚାଲିବା ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା






# ଗୋଟିଏ ମିନିଟରେ କୋଟିଏ ଆୟ



ସବୁବେଳେ ଚର୍ଚ୍ଚାରେ କିପରି ରହିବାକୁ ହୁଏ, ସେ କଳା ବିଷୟରେ ବଲିଉଡ ଅଭିନେତ୍ରୀ ଉର୍ବଶୀ ରାଉତେଲାଙ୍କୁ ଭଲଭାବେ ଜଣା। ଉର୍ବଶୀ ଅଭିନୟ ଜଗତରେ ଏତେ ସଫଳ ହୋଇପାରି ନଥିଲେ ବି ମଡେଲିଂରେ ସେ ଅନ୍ୟମାନଙ୍କଠୁ ବହୁ ଆଗରେ। ଅନେକ ସମୟରେ ଉର୍ବଶୀ ନିଜର ବିଳାସପୂର୍ଣ୍ଣ ଜୀବନ ଶୈଳୀ ଏବଂ ଦାମୀ ଜିନିଷ ପିନ୍ଧି ଲାଇମଲାଇଟକୁ ଆସିଥାନ୍ତି। ଏବେ ସେ ନିଜର ଆୟ ବିଷୟରେ ଜଣାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଉର୍ବଶୀ ସ୍ୱୀକାର କରିଛନ୍ତି ଯେ ସେ ଗୋଟିଏ ମିନିଟରେ ୧କୋଟି ଟଙ୍କା ରୋଜଗାର କରନ୍ତି। ଏହା ସହ ସେ ସବୁଠୁ ଅଧିକ ପାରିଶ୍ରମିକ ନେଉଥିବା ଅଭିନେତ୍ରୀ। ତାଙ୍କର ଏଭଳି ଦାବି ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଉର୍ବଶୀ ରାଉତେଲାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ସେ ତାଙ୍କ ରୋଜଗାର ଉପରେ ପ୍ରତିକ୍ରିୟା ରଖୁଛନ୍ତି। ଯେତେବେଳେ ଜଣେ ଗଣମାଧ୍ୟମ ପ୍ରତିନିଧି ଉର୍ବଶୀ ରାଉତେଲାଙ୍କୁ ପଚାରୁଛନ୍ତି ଯେ ସେ ସର୍ବାଧିକ ପାରିଶ୍ରମିକ ପ୍ରାପ୍ତ ଅଭିନେତ୍ରୀ ହେବା ପରେ କିପରି ଅନୁଭବ ହେଉଛି ଏହାର ଉତରରେ ଉର୍ବଶୀ କହୁଛନ୍ତି, ନିଜ ଚେଷ୍ଟାରେ ସଫଳ ହୋଇଥିବା ପ୍ରତି ଅଭିନେତ୍ରୀ ଏଭଳି ଦିନ ଦେଖନ୍ତୁ ବୋଲି ମୁଁ ଚାହେଁ। ତେବେ କିଛି ଲୋକ ଉର୍ବଶୀଙ୍କ ଏଭଳି ଦାବିକୁ ନେଇ ତାଙ୍କୁ ଟ୍ରୋଲ କରୁଥିବା ଦେଖାଯାଇଛି।

# ବିଶାଳ ପୁସ୍ତକାଳୟ



ମଧ୍ୟ ପୂର୍ବ ଏସିଆର ସବୁଠୁ ବଡ଼ ଲାଇବ୍ରେରି ‘ମହମ୍ମଦ ବିନ୍ ରସିଦ୍ ଲାଇବ୍ରେରି’ ଏବେ ସାରା ବିଶ୍ୱରେ ଚର୍ଚ୍ଚାରେ ରହିଛି। ଦୁବାଇର ରାଜା ଶେକ୍ ମହମ୍ମଦ ବିନ୍ ରସିଦ୍ ଅଲ୍ ମକତୁମ୍‌ଙ୍କ ନାମାନୁସାରେ ଏହାର ନାମକରଣ କରାଯାଇଛି। ଏହାର ନିର୍ମାଣରେ ୨୧୫୧ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଏହି ହାଇଟେକ୍ ଲାଇବ୍ରେରିରେ ୧୧ ଲକ୍ଷ ପୁସ୍ତକ, ୬୦ ଲକ୍ଷରୁ ଅଧିକ ନିବନ୍ଧ, ୭୩ ହଜାର ମ୍ୟୁଜିକ୍ ନୋଟସ୍, ୭୫ ହଜାର ଭିଡିଓ, ୫ ହଜାର ପାଣ୍ଡୁଲିପି ଓ ୩୫ ହଜାର ସମ୍ବାଦପତ୍ର ସ୍ଥାନ ପାଇଛି। ଏଠାରେ ନଅଟି ବିଭାଗ ରହିଛି। ସାଧାରଣ ପୁସ୍ତକାଳୟ, ଆରବ ପୁସ୍ତକାଳୟ, ଶିଶୁ ପୁସ୍ତକାଳୟ, ମିଡିଆ ପୁସ୍ତକାଳୟ, ବ୍ୟାପାର ପୁସ୍ତକାଳୟ, ଯୁବ ପୁସ୍ତକାଳୟ, ବିଶେଷ ସଂଗ୍ରହ ପୁସ୍ତକାଳୟ, ମାନଚିତ୍ର ଓ ଆଟଲାସ୍ ପୁସ୍ତକାଳୟ ଇତ୍ୟାଦି। ବଟନ୍ ଦବାଇବା ମାତ୍ରେ ପୁସ୍ତକଗୁଡ଼ିକ ପାଖକୁ ଚାଲିଆସିଥାଏ।

# ବିଛଣା ଭାଗ କରି ମାସକୁ ରୋଜଗାର ୪୨ ହଜାର



ସାଧାରଣତଃ ଲୋକମାନେ ଘର ଭଡା ଦେଇଥାନ୍ତି। ଏଥିପାଇଁ ଭଡାରେ ରହୁଥିବା ବ୍ୟକ୍ତି ଘରମାଲିକଙ୍କୁ ଦେଇଥାନ୍ତି ଘରଭଡା। କିନ୍ତୁ କେବେ ଶୁଣିଛନ୍ତି କି ନିଜ ବେଡ୍‌କୁ ଭଡାରେ ଦେବା କଥା। ଆଜ୍ଞା ହଁ ଆପଣ ଶୁଣୁଥିବା କଥା ସତ। ଜଣେ ମହିଳା ନିଜ ବେଡର ଅଧା ଭଡାରେ ଦେଇଛନ୍ତି। ପୁଣି ସେ ରଖିଛନ୍ତି କିଛି ସର୍ତ। ଏହାସହିତ ଆଦାୟ କରୁଛନ୍ତି ମାସିକ ମୋଟା ଅଙ୍କର ଟଙ୍କା। ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାଟି ଅଷ୍ଟ୍ରେଲିଆରୁ ସାମ୍ନାକୁ ଆସିଛି। ଜଣେ ଅଷ୍ଟ୍ରେଲୀୟ ମହିଳା ତାଙ୍କ ଶୋଇବା ଘରର ବେଡ୍‌କୁ ଅଧା ଭଡ଼ା ଦେଇଛନ୍ତି। ଅର୍ଥାତ୍ ବେଡ୍‌ର ଗୋଟିଏ ପାର୍ଶ୍ୱରେ ଭଡା ନେଇଥିବା ବ୍ୟକ୍ତି ଜଣକ ଶୋଇପାରିବେ ବୋଲି ସେ କହିଛନ୍ତି। ସେହି ଅଷ୍ଟ୍ରେଲୀୟାର କ୍ୱିସ୍‌ଲ୍ୟାଣ୍ଡରେ ରହୁଥିବା ଏହି ମହିଳାଙ୍କ ନାଁ ହେଉଛି ମୋନିକ୍ ଯେରେମିୟ। ମୋନିକ୍ ହେଉଛନ୍ତି ଜଣେ ମଡେଲ୍ ସେ ଏପରି ଏକ ଅଜବ ଭଡ଼ା ଦେଇଥିବା ନେଇ ଜଣାପଡ଼ିଛି। ସେ ନିଜ ବେଡ୍‌କୁ ସେ ଲୋକମାନଙ୍କୁ ଅଫର ଦେଇଥା’ନ୍ତି। ଆଉ ବେଡ୍ ସେୟାର କରି ମୋନିକ୍ ମାସିକ ୪୨ ହଜାର ଟଙ୍କା ମାସିକ ରୋଜଗାର କରନ୍ତି। ଏପରି କରି ସେ ମାସିକ ୫ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ଏମିତିକି ମୋନିକ୍‌ଙ୍କ ସହ ବେଡ୍ ସେୟାର କରିବାକୁ ହେଲେ କିଛି ସର୍ତ ମଧ୍ୟ ମାନିବାକୁ ପଡିବ। ସର୍ତ ଅନୁଯାୟୀ ବେଡ୍ ସେୟାର ସମୟରେ କୌଣସି ବ୍ୟକ୍ତି ରୋମାଂଟିକ୍ ବ୍ୟବହାର କରିପାରିବେ ନାହିଁ। ଏମିତିକି ଶୋଇବା ସମୟରେ ଶାରୀରିକ ସମ୍ପର୍କ ରଖିପାରିବେ ନାହିଁ ବୋଲି କହିଥିଲେ ମୋନିକ। ମୋନିକ୍‌ଙ୍କ କହିବା ଅନୁଯାୟୀ କରୋନା ସମୟରେ ସେ ଏକୁଟିଆ ରହୁଥିଲେ। ତେଣୁ ସେହି ସମୟରେ ସେ ଏକୁଟିଆ ଅନୁଭବ ନକରିବାକୁ ଏପରି ଏକ ଚିନ୍ତା କରିଥିଲେ। ଫଳରେ ବେଡ୍‌ର ଅଧା ସେୟାର କରିଥିଲେ। ଆଉ ଏଥିରୁ ସେ ଭଲ ରୋଜଗାର ମଧ୍ୟ କରିପାରିଛନ୍ତି।

# ‘ଆଶିକ୍-୩’ରେ ଆକାଂକ୍ଷା



ଫିଲ୍ମ ‘ଆଶିକି-୩’ ଘୋଷଣା ହେବା ପରେ ନିର୍ମାତା ଏହାର ମୁଖ୍ୟ ନାୟିକା ଖୋଜିବାରେ ଲାଗିପଡ଼ିଛନ୍ତି। ବର୍ତମାନ ଫିଲ୍ମର ଜଣେ ନୂଆ ଅଭିନେତ୍ରୀଙ୍କ ନାଁ ସାମ୍ନାକୁ ଆସିଛି। ଗଣମାଧ୍ୟମ ସୂଚନାଅନୁସାରେ, ‘ଆଶିକି-୩’ରେ ଅଭିନେତା କାର୍ତିକ ଆର୍ଯ୍ୟନଙ୍କ ଅପୋଜିଟ୍‌ରେ କନ୍ନଡ଼ ଅଭିନେତ୍ରୀ ଆକାଂକ୍ଷା ଶର୍ମାଙ୍କୁ କାଷ୍ଟ୍ କରାଇପାରେ। ଆକାଂକ୍ଷା ଏ ନେଇ ଫିଲ୍ମମେକରଙ୍କୁ ଅନେକ ଥର ଭେଟି ଆଲୋଚନା କରିଛନ୍ତି। ଯଦି ସବୁ ଠିକ୍ ରୁହେ, ତେବେ ସେ ‘ଆଶିକି’ର ତୃତୀୟ ସଂସ୍କରଣରେ ମୁଖ୍ୟ ନାୟିକା ହେବେ। ତେବେ ଫିଲ୍ମମେକର ଅଦ୍ୟାବଧି ଏ ନେଇ ଔପଚାରିକ ଘୋଷଣା କରିନାହାନ୍ତି। ମିଡିଆ ରିପୋର୍ଟ ଅନୁସାରେ, ଫିଲ୍ମ ପାଇଁ ନିର୍ମାତା ନୂଆ ଚେହେରା ଖୋଜୁଛନ୍ତି। ଆଶିକି ଫ୍ରାଂଚାଇଜିରେ ଆରମ୍ଭରୁ ନୂଆ ଚେହେରାଙ୍କୁ କାଷ୍ଟ୍ କରାଯାଇଛି। ରାହୁଲ ରୟ ଓ ଅନୁ ଅଗ୍ରୱାଲ ହୁଅନ୍ତୁ ବା ଆଦିତ୍ୟ ରୟ କପୁର ଓ ଶ୍ରଦ୍ଧା କପୁର, ଏମାନଙ୍କ ତାଜା ଯୋଡ଼ିକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ। ଚର୍ଚ୍ଚା ହେଉଛି, କାର୍ତିକଙ୍କ ସହ ଆକାଂକ୍ଷାଙ୍କ କେମିଷ୍ଟ୍ରି ବହୁତ ଭଲ ହେବ। ଏହା ପୂର୍ବରୁ ଟିଭି ଅଭିନେତ୍ରୀ ଜେନିଫର ୱିଙ୍ଗେଟ୍, ସାରା ଅଲି ଖାନ୍, କ୍ୟାଟ୍ରିନା କୈଫ୍ ଓ ଦୀପିକାଙ୍କ ସମେତ ଅନେକ ଅଭିନେତ୍ରୀଙ୍କ ନାଁ ଫିଲ୍ମର ଲିଡ୍ ଲେଡି ପାଇଁ ସାମ୍ନାକୁ ଆସିଛି। ତେବେ ଅଦ୍ୟାବଧି କାହା ନାଁରେ ମୋହର ବାଜିନି। ଆକାଂକ୍ଷା ଜଣେ ମଡେଲ ଓ କନ୍ନଡ଼ ଫିଲ୍ମ ଅଭିନେତ୍ରୀ। ମଡେଲିଂରୁ ସେ କ୍ୟାରିଅର ଆରମ୍ଭ କରିଥିଲେ। ୨୦୨୦ ମସିହାରେ ରିଲିଜ୍ ହୋଇଥିବା କନ୍ନଡ଼ ଫିଲ୍ମ ‘ତ୍ରିବିକ୍ରମ’ ଜରିଆରେ ସେ ସିନେ କ୍ୟାରିଅର ଆରମ୍ଭ କରିଥିଲେ। ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ସହ ମ୍ୟୁଜିକ୍ ଭିଡିଓ ‘ଡିସ୍କୋ ୮୨’ରେ ମଧ୍ୟ କାମ କରିଥିଲେ। ଏହା ପରେ ଉଭୟଙ୍କ ଡେଟିଂ ଗୁଜବ ଚର୍ଚ୍ଚା ହୋଇଥିଲା। ତେବେ ଉଭୟ ଏ ନେଇ ମୁହଁ ଖୋଲିନଥିଲେ। ମହେଶ ବାବୁ, ବରୁଣ ଧୱନ ଓ କର୍ଥୀଙ୍କ ଭଳି ଅଭିନେତାଙ୍କ ସହ ବିଜ୍ଞାପନରେ ସେ ନଜର ଆସିଛନ୍ତି।

# ଶବକୁ ପୋତିବା ବଦଳରେ ଜଙ୍ଗଲରେ ଅବକ୍ଷୟ ହେବାକୁ ଛାଡ଼ନ୍ତି

ଇଣ୍ଡୋନେସିଆର ବାଲି ଦ୍ୱୀପ ଅନ୍ତର୍ଗତ ବାତୁର ହ୍ରଦର ପୂର୍ବ ଉପକୂଳରେ ରହିଛି ତ୍ରୁନ୍ୟାନ୍ ଗାଁ। ସେଠାରେ ପର୍ବତ ପରିବେଷ୍ଟିତ ପରିବେଶରେ ‘ବାଲି ଆଗା’ ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି। ବାହାର ଦୁନିଆରୁ ବିଚ୍ଛିନ୍ନ ହୋଇ ରହୁଥିବା ଏହି ଲୋକମାନେ ସେମାନଙ୍କର ଐତିହ୍ୟର ଅନେକ ଉପାଦାନ ସଂରକ୍ଷିତ କରି ରଖିଛନ୍ତି। ସେଥି ମଧ୍ୟରେ ରହିଛି ସେମାନଙ୍କର ଶବ ସତ୍କାରର ବିଚିତ୍ର ପରମ୍ପରା। ସେମାନେ ଶବଗୁଡ଼ିକୁ କବର ଦେବା କି ଦାହ କରିବା ପରିବର୍ତେ ଜଙ୍ଗଲ ଭିତରେ ପ୍ରାକୃତିକ ଭାବେ ଅବକ୍ଷୟ ହେବାକୁ ଛାଡ଼ିଦିଅନ୍ତି। ଅବଶ୍ୟ ଶାଗୁଣା, କାଉ ଓ ଚିଲମାନଙ୍କ ଠାରୁ ସୁରକ୍ଷା ଦେବା ପାଇଁ ବାଲି ଆଗା ଲୋକମାନେ ଶବକୁ ବାଉଁଶ ତାଟି ଦ୍ୱାରା ଘୋଡ଼ାଇ ରଖିଥା’ନ୍ତି। ଦେହରୁ ମାଂସ ଶଢ଼ି ଝଡ଼ିଗଲା ପରେ ଖପୁରି ଓ ଅସ୍ଥିଗୁଡ଼ିକୁ ଉଦ୍ଧାର କରି ନୂତନ ଜୀବନ ଆଶାରେ ସେଗୁଡ଼ିକୁ ପଥର ଚଟାଣ ଉପରେ ରଖାଯାଏ। ଏହି ସମ୍ପ୍ରଦାୟର ଶବସତ୍କାର ସ୍ଥଳକୁ ଆସୁଥିବା ପର୍ଯ୍ୟଟକମାନେ ଶବରୁ ପଚାଶଢ଼ା ଗନ୍ଧ ବାହାରୁନଥିବା ଦେଖି ଆଶ୍ଚର୍ଯ୍ୟ ହୋଇଥା’ନ୍ତି। ଏହା ପଛରେ ରହିଛି ନିକଟରେ ଥିବା ଏକ ପ୍ରକାର ବଟବୃକ୍ଷ ଯାହାକୁ ସେମାନେ ‘ମେନ୍ୟାନ୍ ତରୁ’ ବା ସୁଗନ୍ଧି ବୃକ୍ଷ କହିଥା’ନ୍ତି। ଏହି ଗଛର ସୁବାସ ଶବର ଦୁର୍ଗନ୍ଧକୁ ଦୂର କରିଦେଇଥାଏ। ଉକ୍ତ ଗାଁରେ ସେପରି ତିନିଟି ଶବସତ୍କାର ସ୍ଥଳ ରହିଛି। ଶିଶୁ, ଦୁର୍ଘଟଣାରେ ମୃତ ଓ ଆତ୍ମହତ୍ୟା କରିଥିବା ଲୋକଙ୍କ ପାଇଁ ସେଠାରେ ସ୍ଥାନ ମିଳିନଥାଏ। ପ୍ରତି ଶବସତ୍କାର ସ୍ଥଳରେ ଏଗାରଟି ଲେଖାଏଁ ବାଉଁଶ ତାଟି ଓ ତାଳ ବାହୁଙ୍ଗା ଘେରା ଗମ୍ବୁଜ ରହିଥାଏ।




# ବିଧାନସଭା ଅଧିବେଶନ ବେଳେ ପ୍ରମାଣ ଦେଲା ଖାକି ବାହିନୀ,ବର୍ଷିଲେ କଂଗ୍ରେସ ଓ ବିଜେଡି



ଭୁବନେଶ୍ୱର, (ପି.ଏନ): ବିରୋଧୀ ବିଧାୟକଙ୍କୁ ଦମନ କରିବାକୁ ସାହସ ଜୁଟାଇ ପାରୁଛି ପୋଲିସ । ହେଲେ ରାଜ୍ୟର ଆଇନ ଶୃଙ୍ଖଳାକୁ ନିୟନ୍ତ୍ରଣ କରିବାରେ ଫେଲ୍। ଏଥର ବିଧାନସଭା ଅଧିବେଶନ ବେଳେ ଗୁଣ୍ଡା ସାଜି ପ୍ରମାଣ କରିଦେଲା ପୋଲିସ। ବିଧାନସଭା ବାହାରେ କଂଗ୍ରେସ ସଦସ୍ୟଙ୍କୁ ଦମନ କରିବାକୁ ଯାଇ ପ୍ରବେଶ ପଥରେ ବଳ ଲଗାଇ ଅଟକାଇଲା। ଆନ୍ଦୋଳନରତ କଂଗ୍ରେସ କର୍ମୀଙ୍କୁ କଲା ଲହୁଲୁହାଣ। ବିଜେଡି ସଦସ୍ୟଙ୍କୁ ଗେଟ୍ ଭିତରେ ବନ୍ଦୀ ରଖି ଉତ୍ତ ?ଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କଲା ଖାକି ବାହିନୀ। ପୋଲିସ ସବୁ କିଛି କରିପାରୁଛି, କିନ୍ତୁ ଆଇନଶୃଙ୍ଖଳା ରକ୍ଷା କରିବାରେ ମାରୁଛି ଫେଲ୍।। ପରିସ୍ଥିତି ଏପରି ହେଲାଣି ଯେ ପୋଲିସ ପ୍ରତି ଲୋକଙ୍କ ଭୟ ରହୁନି। ଯେଉଁଥି ପାଇଁ ଗତକାଲି ଭୁବନେଶ୍ୱରର ଭରତପୁର ଓ ଯାଜପୁର ଜିଲ୍ଲା କୋରେଇରେ ପୋଲିସକୁ ଆକ୍ରମଣର ଶିକାର ହେବାକୁ ପଡିଲା। ବିରୋଧୀଙ୍କ କହିବା କଥା, ସରକାରୀ ଦଳର ଚାପରେ ସ୍ୱାଧୀନ ଭାବେ କାମ କରିପାରୁନି ପୋଲିସ। ବିରୋଧୀ ଦଳଙ୍କୁ ଦମନ କରିବାରେ ପୋଲିସ ଏତେ ବ୍ୟସ୍ତ ରହୁଛି ଯେ ଅପରାଧ ନିୟନ୍ତ୍ରଣ ପାଇଁ ସମୟ ମିଳୁନି କହି କଟାକ୍ଷ କରିଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଗୃହ ବିଭାଗର ଦାୟିତ୍ୱ । ହେଲେ ତାଙ୍କୁ ସେ ସଠିକ୍ ଭାବେ ନିର୍ବାହ କରିପାରୁନଥିବାରୁ ପୋଲିସ ବି ଅପରାଧରେ ଲିପ୍ତ ଥିବା ଅଭିଯୋଗ କରିଛନ୍ତି ବିରୋଧୀ।

ସେପଟେ ପୁଣି ଥରେ ସରକାରଙ୍କ ଓକିଲ ସାଜିଲା ବିଜେପି । ଚିରାଚରିତ ଭାବେ ନିଜ ମୁଣ୍ଡରୁ ଦୋଷ ଛଡ଼ାଇବାକୁ କରି ଚାଲିଛନ୍ତି ପ୍ରୟାସ। ସେହିପରି କଂଗ୍ରେସର ଆନ୍ଦୋଳନ ପରେ ପୋଲିସ ମହାନିର୍ଦ୍ଦେଶକ ଯେପରି ରାଜନେ ?ତିକ ଷ୍ଟାଇଲରେ ବିବୃତି ରଖିଲେ, ତାହା ପୋଲିସ ଉପରେ ସରକାରଙ୍କ ଚାପକୁ ସ୍ପଷ୍ଟ କରିଥିବା ରାଜନେ ?ତିକ ସମୀକ୍ଷକ ଆକଳନ କରିଛନ୍ତି । ହେଲେ ଆଇନ ଶୃଙ୍ଖଳା ନୟନ୍ତ୍ରଣରେ ଡିଜିପି କଣ କରିବେ, ସେ ନେଇ ପ୍ରଶ୍ନ ଉଠିଛି। ଗତ ୮ ମାସରେ ୧୮ ହଜାର ୧ଟି ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି । ସେଥିରୁ ୧୭ ହଜାର ୨୧ଟି ମାମଲା ବିଚାରାଧୀନ ଥିବା ବେଳେ, ୭୩୮ଟି ମାମଲାରେ ଚାର୍ଜସିଟ ଦିଆଯାଇଛି। ୨୧୭ଟି ମାମଲାର ଫଇସଲା ସରିଥିବା ବେଳେ, ୨୫ଟି ମାମଲାରେ ଫାଇନାଲ ରିପୋର୍ଟ ପ୍ରଦାନ କରାଯାଇଛି । ସେହିପରି ୨୦୨୫ ଜାନୁଆରୀ ଥିଲା ଅପରାଧର ମାସ । କେବଳ ଏହି ଗୋଟାଏ ମାସରେ ୧୧୧ଟି ହତ୍ୟା, ୨୦ ଡକାୟତି, ୧୫୦୯ ଚୋରି, ୧୦୧ ଦଙ୍ଗା, ୧୯୪ ସାଇବର ଅପରାଧ, ୬୫୫ ଅସଦାଚରଣ, ୭୯ ଯୌନ ନିର୍ଯାତନା ଭଳି ମାମଲା ରୁଜୁ ହୋଇଥିବା ନେଇ ଗୃହରେ ଉତ୍ତର ରଖିଥିଲେ ମୁଖ୍ୟମନ୍ତ୍ରୀ। ତେବେ ଯେଉଁ ଦିନ ତତ୍କାଳୀନ ରାଜ୍ୟପାଳଙ୍କ ପୁଅ ଓଡ଼ିଆ ଏଏସଓଙ୍କୁ ମାଡ଼ ମାରିଲେ, ସେ ସମୟରେ ସରକାର କାର୍ଯ୍ୟାନୁଷ୍ଠାନ ନେଇଥିଲେ ଅପରାଧୀଙ୍କ ଭିତରେ ଭୟ ରହିଥାନ୍ତା । ହେଲେ ଏପରି ନ ହେବାରୁ ନବୀନ ପଟ୍ଟନାୟକଙ୍କ ସମୟର ଶାନ୍ତିପ୍ରିୟ ଓଡ଼ିଶା ଏବେ ଅପରାଧୀଙ୍କ ଚାରଭୂଇଁ ପାଲଟିଥିବା ନେଇ ଚର୍ଚ୍ଚା ଜୋର ଧରିଛି।

# ଓଡ଼ିଶାର ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ସଂଗଠିତ ଖଣି ଦୁର୍ନୀତି, କୋଇଲା ଦୁର୍ନୀତି, ଚିଟ୍ ଫଣ୍ଡ ସ୍କାମ, ୫ବର୍ଷ ଝିଅ ପରି ବଳାତ୍କାର ହତ୍ୟା ମାମଲା, ସ୍ମିତାରାଣୀ ହତ୍ୟା, ଇତିଶ୍ରୀ, ବେବିନାଙ୍କ ଅପମୃତ୍ୟୁ ଓ କୁନ୍ଦୁଲି ଝିଅର ଆତ୍ମହତ୍ୟା, ପୂର୍ବତନ ମନ୍ତ୍ରୀ ନବ ଦାସଙ୍କୁ ହତ୍ୟା

ଭୁବନେଶ୍ୱର,(ପି.ଏନ): ରାଜ୍ୟର ବିଭିନ୍ନ ପ୍ରସଙ୍ଗ ଯଥା ଚିଟ୍ ଫଣ୍ଡ ସ୍କାମ ଠାରୁ ଆରମ୍ଭ କରି ଖଣି ଦୁର୍ନୀତି, ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟାର ସିବିଆଇ ତଦନ୍ତି ଓ ନେତାଜୀ ସୁବାଷ ବୋଷଙ୍କୁ ଜାତୀୟ ପୁତ୍ର ଘୋଷଣା କରିବା ପାଇଁ ସୁପ୍ରିମ କୋର୍ଟ ଓ ହାଇକୋର୍ଟରେ ୱାର୍ଲଡ଼ ହ୍ୟୁମାନ ରାଇଟ୍ସ ଫୋରମ୍ର ଆବାହକ ଶ୍ରୀ ପିନାକପାଣି ମହାନ୍ତି ଜନସ୍ୱାର୍ଥ ମାମଲା କରିଛନ୍ତି ଏବଂ କେତେକ ମାମଲାରେ ସେ ସଫଳ ମଧ ହୋଇଛି। ରାଜ୍ୟର ବିଶିଷ୍ଟ ସମାଜ ସେବୀ ଭାବେ ଶ୍ରୀ ପିନାକପାଣି ମହାନ୍ତି ବେଶ ଜଣାଶୁଣା। ରାଜ୍ୟର ବୃହତ୍ତର ସ୍ୱାର୍ଥ ପାଇଁ ଓ ନବୀନ ସରକାରର ଭ୍ରଷ୍ଟାଚର ଓ କୁଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହ ପିନାକ ବିଜେଡ଼ି ସରକାରକୁ କାଠଗଡ଼ାକୁ ଟାଣିଛନ୍ତି। ଅତୀତରେ ରାଜ୍ୟରେ ସଂଗଠିତ ଚିଟ ଫଣ୍ଡ ଦୁର୍ନୀତିକୁ ଲୋକଲୋଚନକୁ ଆଣିବାରେ ସେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ତା.୨୮.୦୩.୨୦୧୫ ରିଖରେ ପିନାକପାଣି ମହାନ୍ତି ତତ୍କାଳୀନ ସିବିଆଇ ଏସ୍.ପି. ମନୀଷ କୁମାର ସିହ୍ନାଙ୍କୁ ଭେଟି ଚିଟ୍ଫଣ୍ଡ ଦୁର୍ନୀତିରେ କିପରି ୪୭ବିଧାୟକ, ସାଂସଦ ଓ ମନ୍ତ୍ରୀ ସଂପୃକ୍ତ ଥିଲେ ଏହାର ତଥ୍ୟ ଦେଇଥିଲେ। ଏହାପରେ ୨୦୨୨ ମସିହାରେ ଚିଟ୍ଫଣ୍ଡ ଦୁର୍ନୀତି ର ତଦନ୍ତି ପାଇଁ ସୁପ୍ରିମ କୋର୍ଟରେ ଜନସ୍ୱାର୍ଥ ମାମଲା କରିଥିଲେ। ମାନ୍ୟବର ସୁପ୍ରିମ୍ କୋର୍ଟ ଏହାକୁ ଗ୍ରହଣ କରି ସାହାରା ଚିଟ୍ଫଣ୍ଡର ନିର୍ଦ୍ଦେଶକଙ୍କୁ ପାଞ୍ଚ ହଜାର କୋଟି ଟଙ୍କା ଜମାକାରୀମାନଙ୍କୁ ଫେରସ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ତରଫରୁ ସାହାରା କ୍ଷତିଗ୍ରସ୍ତ ଜମାକାରୀଙ୍କୁ ଉକ୍ତ ଅର୍ଥ ଫେରସ୍ତ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟାନ୍ୟ ଚିଟ୍ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀମାନଙ୍କୁ ଟଙ୍କା ଫେରସ୍ତ ପାଇଁ ସୁପ୍ରିମ୍ କୋର୍ଟରେ ମାମଲା ବିଚାରାଧୀନ ଅଛି। ୨୦୨୫ ମସିହାରେ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ନବ ଦାସଙ୍କ ହତ୍ୟାକାଣ୍ଡ ଏକ ଯୋଜନାବଦ୍ଧ ରାଜନୈତିକ ହତ୍ୟାକାଣ୍ଡ ଥିଲା ବୋଲି ଦର୍ଶାଇ ପିନାକ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ। ମାନ୍ୟବର ହାଇକୋର୍ଟ ଏହାକୁ ଗ୍ରହଣ କରି ରାଜ୍ୟ ସରକାରଙ୍କୁ Status Report ମାଗିଥିଲେ। ରାଜ୍ୟ କ୍ରାଇମ୍ ବ୍ରଞ୍ଚ ତଦନ୍ତିର ଏକ Status Report ପ୍ରଦାନ କରିଥିଲେ। କୋର୍ଟ ଏହି Status Report ଗ୍ରହଣ କରିଥିଲେ, Petitioner ଙ୍କ ଜରହକ୍ସଭୟରକ୍ସ ଦେବାକୁ ସୁଯୋଗ ନଦେଇ କେସ୍କୁ ବନ୍ଦ କରିଦେଇଥିଲେ। ପିନାକପାଣି ମହାନ୍ତି ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କୁ ସ୍ୱାଧୀନତାର ୭୮ବର୍ଷ ପରେ ବି ଉପଯୁକ୍ତ ସମ୍ମାନ ନମିଳିବା ଦର୍ଶାଇ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଛନ୍ତି। ଏହାକୁ ଡଚ(ଉ) ଘକ୍ଟ.-୨୨୫୬/ ୨୦୨୫ ଗ୍ରହଣ କରି ହାଇକୋର୍ଟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ପାଇଁ ନୋଟିସ୍ କରିଛନ୍ତି। ନେତାଜୀଙ୍କୁ ଜାତୀୟ ପୁତ୍ର (ଘବସ୍ୱସକ୍ଟଭବକ୍ଷ ୫କ୍ଟଭ) ଭାବେ ଘୋଷଣା କରିବା, ତାଙ୍କ ଜନ୍ମସ୍ଥାନ (ଓଡ଼ିଆ ବଜାର, କଟକ) କୁ ଘବସ୍ୱସକ୍ଟଭବକ୍ଷ ଗଙ୍କସ୍ୱରଙ୍କଞ୍ଚ ଭାବେ ଘୋଷଣା କରିବା, ସୁବାଷ ବୋଷଙ୍କ ମୃତ୍ୟୁ ସଂପର୍କରେ ତଦନ୍ତି କରୁଥିବା ମନୋଜ ମୁଖାର୍ଜୀ କମିଶନ ରିପୋର୍ଟକୁ ଗ୍ରହଣ କରି ସାର୍ବଜନୀନ କରିବା, ନେତାଜୀ ଓ ଆଜାଦ ହିନ୍ଦ ଫୌଜର Intellegence Bureaଙ୍କ ର ରିପୋର୍ଟକୁ declassification କରି ସର୍ବସାଧାରଣରେ ପ୍ରକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ନର୍ଦ୍ଦେଶ ଦେବାକୁ ସେ ହାଇକୋର୍ଟକୁ ପ୍ରାର୍ଥନା କରିଛନ୍ତି।୧୮ ଅଗଷ୍ଟ ୧୯୪୫ରେ ନେତାଜୀଙ୍କ ମୃତ୍ୟୁ ଚକ୍ଷବଭର ଉକ୍ସବଶ୍ୱକ୍ଷ ରେ ହୋଇନାହିଁ। ତାଙ୍କ ଦେହାନ୍ତି ପ୍ରକୃତରେ ୧୬ ସେପ୍ଟେମ୍ବର ୧୯୮୫, ରାମ ଭବନ, ଅଯୋଧା (ଫରିଜାବାଦ) ରେ ହୋଇଥିଲା। ୧୮ ସେପ୍ଟେମ୍ବର ୧୯୮୫ରେ ନେତାଜୀଙ୍କ ଅନ୍ତିମ ସଂସ୍କାର ଗୁପ୍ତାର ଘାଟ, ଅଯୋଧାରେ ହୋଇଥିଲା। ୧୯୪୫ ରୁ ୧୯୮୫ ପର୍ଯ୍ୟନ୍ତି ସଂଗ୍ରେସ ଦଳର ନେତାମାନେ ନେହେରୁ, ଶାହାନୱାଜ ଖାଁ ଇତ୍ୟାଦି ୪୦ବର୍ଷ ଧରି ନେତାଜୀଙ୍କୁ ଅଶେଷ କଷ୍ଟ ଦେଇଛନ୍ତି। ଏହି ସବୁ ସତ୍ୟ ଭାରତ ତଥା ସମଗ୍ର ବିଶ୍ୱର ଲୋକଲୋଚନକୁ ଆସିବା ଦରକାର। ଏହା ସତ୍ୟ ଯେ ୧୫ ଅଗଷ୍ଟ ୧୯୪୭ ରେ ଭାରତର ସ୍ୱାଧୀନତା ମିଳିବାରେ ନେତାଜୀ, ଆଜାଦ ହିନ୍ଦ ଫୌଜ, ତଥା ଭାରତର ସମସ୍ତ କ୍ରାନ୍ତିକାରୀ ବୀରମାନଙ୍କ ତ୍ୟାଗ ଓ ପ୍ରଚେଷ୍ଟାରେ ହିଁ ମିଳିଥିଲା। ଗାନ୍ଧୀଙ୍କ ଅହିଂସା କି କଂଗ୍ରେସର ନେତାମାନଙ୍କ ପାଇଁ ନୁହେଁ - ଏହାକୁ ଖୋଦ ତତ୍କାଳୀନ ବ୍ରିଟିସ ପ୍ରଧାନମନ୍ତ୍ରୀ Mr. Clement Atlee - West Bengal Governor P. B. Chakravarti ଙ୍କ ଆଗରେ ପ୍ରକାଶ କରିଥିଲେ। ୧୯୪୬ରେ ନେତାଜୀ ଏବଂ ଆଜାଦ ହିନ୍ଦ ଫୌଜ ଦ୍ୱାରା ଅନୁପ୍ରାଣିତ ହୋଇ (inspired) ୨୦ ହଜାର Navy ଏବଂ Air Force ଓ Military Force ବମ୍ବେର ସାଧାରଣ ଲୋକେ ଏକ ବଡ଼ଧରଣର ବିଦ୍ରୋହ କରିଥିଲେ ଯାହାକି ବିଟ୍ରିସ ଶାସନକୁ ଦୋହଲାଇ ଦେଇଥିଲା। ଏହି ଘଟଣାରେ ଇଂରେଜ ପ୍ରଶାସନ ଭାରତୀୟ ସୈନ୍ୟମାନଙ୍କୁ ଆଉ ବିଶ୍ୱାସ କରିପାରିଲେ ନାହିଁ। ଭାରତୀୟ ସୈନ୍ୟମାନଙ୍କୁ ନେଇ ସେମାନେ ଭାରତରେ ଶାସନ କରୁଥିଲେ। ଫଳତଃ ସେମାନେ ବାଧ ହୋଇ ଭାରତୁ ଛାଡ଼ିବାକୁ ନିଷ୍ପତ୍ତି ନେଲେ। ୧୯୪୨ ପରେ ୧୯୪୭ଭିତରେ ଏହି ସୈନ୍ୟମାନଙ୍କ ବିଦ୍ରୋହ ବ୍ୟତୀତ ଆଉ କିଛି ଆନ୍ଦୋଳନ ଗାନ୍ଧୀ କିମ୍ବା କଂଗ୍ରେସ ତରଫରୁ ହୋଇନାହିଁ। ଗତ ତା.୨୭.୦୨.୨୦୨୫ରିଖରେ ପିନାକ ପ୍ରଧାନମନ୍ତ୍ରୀଙ୍କୁ ଏକ ଚିଠି ଲେଖ ବିଜେପି ସରକାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କର ତତ୍କାଳୀନ ବ୍ୟକ୍ତିଗତ ସଚିବ ଭି.କେ.ପାଣ୍ଡିଆନଙ୍କ ସମେତ ବିଭିନ୍ନ ଦୁର୍ନୀତିରେ ସଂପୃକ୍ତ ଥିବା ପୂର୍ବତନ ମନ୍ତ୍ରୀ ଓ ବିଧାୟକ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କିପରି ଟାଳଟୁଳ ନୀତି ଗ୍ରହଣ କରୁଛନ୍ତି। ଏ ସଂପର୍କରେ ସବିଶେଷ ତଥ୍ୟ ଦେଇ ତାଙ୍କର ହସ୍ତକ୍ଷେପ ଲୋଡ଼ିଛନ୍ତି। ପିନାକ ଦର୍ଶାଇଛନ୍ତି ଯେ, ପୂର୍ବ ନବୀନ ପଟ୍ଟନାୟକ ସରକାରର ୨୪ ବର୍ଷ ଶାସନର ସବୁଠାରୁ ଭୟଙ୍କର ଦୁର୍ନୀତି ଯଥା ଖଣି, ଲୁହାପଥର, ଚିଟ ଫଣ୍ଡ ଦୁର୍ନୀତି, ଜଗନ୍ନାଥ ମନ୍ଦିର ପାଇଁ ଜମି ଅଧିଗ୍ରହଣ ରେ ହୋଇଥିବା ଜାଲିଆତି, ଚିଟ୍ଫଣ୍ଡ କେଳେଙ୍କାରୀ, ବେବିନା, ଇତିଶ୍ରୀଙ୍କୁ ହତ୍ୟା, ମାହାଙ୍ଗା ମର୍ଡ଼ର, ପରୀର ରହସ୍ୟଜନକ ମୃତ୍ୟୁ, ମମିତା ମେହେର ହତ୍ୟାକାଣ୍ଡ, ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା, ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କୁ ହତ୍ୟା ଇତ୍ୟାଦିରେ ବିଜେଡ଼ି ଦଳର ମନ୍ତ୍ରୀ, ବିଧାୟକମାନେ ସଂପୃକ୍ତ। ସେହିପରି କିଟ୍ ବିଶ୍ୱ ବିଦ୍ୟାଳୟରେ ନେପାଳୀ ଛାତ୍ରୀଙ୍କର ରହସ୍ୟଜନକ ମୃତ୍ୟୁ, କିଟ୍ ଜମି କେଳେଙ୍କାରୀରେ ବିଜେଡ଼ି ଦଳର ନେତା ଓ ସଂସାଦ ତଥା ଅଚ୍ୟୁତ ସାମନ୍ତିଙ୍କ ସଂପୃକ୍ତି ରହିଛି। ବର୍ତ୍ତମାନର ବିଜେପି ସରକାର ଏ ପର୍ଯ୍ୟନ୍ତି କୌଣସି ଦୁର୍ନୀତିର ତଦନ୍ତି କରାଇ ନାହାଁନ୍ତି କି କୌଣସି ବିଜେଡ଼ି ମନ୍ତ୍ରୀ, ବିଧାୟକ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାଁନ୍ତି। ଏବେବି ପ୍ରଶାସନିକ ଅଧିକାରୀମାନେ ଭି.କେ.ପାଣ୍ଡିଆନଙ୍କ ଦ୍ୱାରା ପରିଚାଳିତ। ମୋହନ ସରକାର ଏ ପର୍ଯ୍ୟନ୍ତି ସକ୍ରୀୟ ହୋଇପାରିନାହାଁନ୍ତି। ମୋହନ ମାଝୀ ବ୍ୟକ୍ତି ହିସାବରେ ବହୁତ ଭଲ। ସଙ୍କୋଚ ଓ ସରଳ ବ୍ୟକ୍ତି। ଜଣେ ଭଲ ମୁଖ୍ୟମନ୍ତ୍ରୀ। ମାତ୍ର ସାଂପ୍ରତିକ ପରିସ୍ଥିତିରେ ଏହା ଯଥେଷ୍ଟ ନୁହେଁ। ତେଣୁ ପିନାକ ପ୍ରଧାନ ମନ୍ତ୍ରୀ ଯେପରି ଗୁଜୁରାଟରେ Lion Chief Minister ଥିଲେ, ଓଡ଼ିଶାରେ ସେହିଭଳି ଏକ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କରନ୍ତୁ ବୋଲି ନିବେଦନ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକ ଓ ଭି.କେ ପାଣ୍ଡିଆନଙ୍କ ବିରୁଦ୍ଧରେ ସମସ୍ତ ଅଭିଯୋଗ ଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଗତ ତା.୦୯.୦୩.୨୦୨୫ରିଖରେ ପିନାକ ମହାନ୍ତି ପ୍ରଧାନ ମନ୍ତ୍ରୀଙ୍କୁ ଏକ ଚିଠି ଲେଖି ହିନ୍ଦୁ ଦେବାଦେବୀଙ୍କୁ ବିଭିନ୍ନ ସମୟରେ ଅସମ୍ମାନ କରାଯାଉଥିବା ବିଷୟରେ ଅବଗତ କରାଇଛନ୍ତି। ଏଥିରେ ସେ ଦର୍ଶାଇଛନ୍ତି ଯେ, ଯେଉଁମାନେ ହିନ୍ଦୁ ଦେବାଦେବୀଙ୍କୁ ଅସମ୍ମାନ କରୁଛନ୍ତି, ସେମାନଙ୍କୁ କଠୋରରୁ କଠୋରତର ଦଣ୍ଡ ବିଧାନ କରାଯାଉ। ନିକଟରେ ଘଟିଥିବା ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଫଟୋକୁ ଜଣେ ବିଦେଶିନୀଙ୍କ ଜଙ୍ଗରେ ଋଟୁ କରି ସୋସିଆଲ ସାଇଟ୍ରେ ଛାଡ଼ିବା ସଂପର୍କରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇବା ସହ ଅତୀତରେ ଯେପରି ଏଭଳି ଘଟଣା ନଘଟେ ସେଥିପାଇଁ ଆଇନ ପ୍ରଣୟନ ପାଇଁ ଅନୁରୋଧ କରିଥିଲେ। ମାତ୍ର ୨୧.୦୩.୨୦୨୫ରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରୁ ଏକ ଚିଠି ଆସିଲା ଯେଉଁଥିରେ ଉଲ୍ଲେଖ ଅଛି ଏରଭରକ୍ସବକ୍ଷ ଉକ୍ଟଙ୍କଙ୍କରଭଶ୍ୱକ୍ସ ଭକ୍ଟଶ୍ୱ ମକ୍ଟଭଶ୍ୱବଭସଭଶ ଶ୍ୱକ୍ଟରମସଲସମ ଶକ୍ସସଙ୍ଗରବଭମର ଏହା ଅତ୍ୟନ୍ତି ଦୁଃଖ ଦାୟକ ବୋଲି ପିନାକ ଜଣାଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ ଯଦି ଏହିଭଳି ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକୁ ଭଲଭାବେ ବୁଝୁଥାନ୍ତେ, ତେବେ ଏଭଳି ଖାମଖିଆଲି ଉତ୍ତର ମିଳୁନଥାନ୍ତା। ପାର୍ଲିମେଣ୍ଟ ଏବଂ ବିଭିନ୍ନ ରାଜ୍ୟରେ ଥିବା ବିଧାନସଭା ଗୁଡ଼ିକ ପାଇଁ ନିର୍ବାଚିତ ପ୍ରତିନିଧିମାନେ ଲୋକମାନଙ୍କ ହିତ ପାଇଁ ଯାଆନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୁଏ- ଯାହାକି ଭାରତର କୋଟି କୋଟି ଲୋକଙ୍କର ..। ମାତ୍ର ସେମାନେ ଏ ବିଷୟରେ ଧ୍ୟାନ ନଦେଇ ଅସହ୍ୟ/ଅଭଦ୍ର ଆଚରଣ କରି ଅଯଥା ସମୟ ବରବାଦ କରନ୍ତି। ଯେମିତିକି ଡ଼ି.ଏମ୍.କେ କରୁଣାନିଧିଙ୍କ ସମୟରେ ଜୟ ଲଳିତା ବସ୍ତ୍ରକୁ ଟାଣି, ତାଙ୍କ ଚୁଟି ଘୋଷାଡ଼ି ଜବରଦସ୍ତ ଆସେମ୍ବ୍ଲିରୁ ବାହାରକୁ ଫିଙ୍ଗି ଦିଆଗଲା। ଦିଲ୍ଲୀ ବିଧାନସଭାରେ ବିଜେପିର ବିଜେନ୍ଦ୍ର ଗୁପ୍ତାଙ୍କୁ ଜବରଦସ୍ତ ବିନା ଭୁଲରେ ବାହାରକୁ ଫିଙ୍ଗିଦିଆଗଲା- ଏହିଭଳି ଅନେକ ଘଟଣା ଘଟୁଛି। ଏହାର ପ୍ରତିକାର କିଛି ହୋଇପାରିବ କି ?




## ଓଡ଼ିଶା ଦିବସ ସମାରୋହ-୨୦୨୫
ତା: ୦୧.୦୪.୨୦୨୫ ରିଖ

**ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ଏବଂ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସମନ୍ୱିତ ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ**
ସ୍ଥାନ-ସତ୍ୟଭାମାପୁର, କଟକ ସମୟ : ପୂର୍ବାହ୍ନ ୯ ଘଟିକା

- ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
- ଗରିମାମୟ ଉପସ୍ଥିତି -
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ସାଂସଦ, କଟକ
ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡା
ସାଂସଦ,କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ବିଭୁପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ, ଆଠଗଡ଼
ଶ୍ରୀଯୁକ୍ତ ପ୍ରଶାନ୍ତ ବେହେରା, ବିଧାୟକ, ସାଲେପୁର
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ବିଧାୟକ, ଚୌଦ୍ୱାର-କଟକ
ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ, ବାଙ୍କୀ
ଡ. ସୋଫିଆ ଫିର୍ଦୌସ, ବିଧାୟିକା, ବାରବାଟୀ-କଟକ
ଡ. ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ଛବି ମଲ୍ଲିକ, ବିଧାୟକ, ନିଆଳି
ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ, ବିଧାୟକ, ମାହାଙ୍ଗା
ଶ୍ରୀଯୁକ୍ତ ବିଜୟ କୁମାର ଦଳବେହେରା, ବିଧାୟକ, ବଡ଼ମ୍ବା
ଶ୍ରୀଯୁକ୍ତ ବି.ପରମେଶ୍ୱରନ୍, (ଭା.ପ୍ର.ସେ.)କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ**
ସ୍ଥାନ ୱେଟ୍‌ଲିଫ୍ଟିଂ ଅଡ଼ିଟୋରିୟମ୍,
ଜେ.ଏଲ୍.ଏନ୍. ଷ୍ଟାଡିୟମ
ସମୟ : ଅପରାହ୍ନ ୫ ଘଟିକା

- ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
- ଗରିମାମୟ ଉପସ୍ଥିତି -
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ
ଶ୍ରୀଯୁକ୍ତ ଗଜେନ୍ଦ୍ର ସିଂହ ଶେଖାୱତ୍
କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ
ଶ୍ରୀଯୁକ୍ତ ଜୁଏଲ୍ ଓରାମ
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ
ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳବାଇ, ଇଲେକ୍ଟ୍ରୋନିକ୍ସ, ଆଇ.ଟି., ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ
ଡା. ପି.କେ. ମିଶ୍ର
ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ
ଶ୍ରୀମତୀ ରେଖା ଗୁପ୍ତା
ମୁଖ୍ୟମନ୍ତ୍ରୀ, ନୂଆଦିଲ୍ଲୀ
ସାଂସ୍କୃତିକ କାର୍ଯ୍ୟକ୍ରମ

**ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ**
ସ୍ଥାନ ଜୟଦେବ ଭବନ, ଭୁବନେଶ୍ୱର
ସମୟ : ସନ୍ଧ୍ୟା ୬ ଘଟିକା

- ମୁଖ୍ୟ ଅତିଥି -
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
- ଗରିମାମୟ ଉପସ୍ଥିତି -
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ,
ଲୋକସଭା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ
ସରକାରୀ ମୁଖ୍ୟ ସଚେତକ, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା
ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉ
ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀଯୁକ୍ତ ସଂଜୟ କୁମାର ସିଂହ
ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
- ମୁଖ୍ୟବକ୍ତା -
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ, ଓଡ଼ିଶା
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଏହି ସମସ୍ତ କାର୍ଯ୍ୟକ୍ରମରେ ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ !

DADLS-08
15001/13/0488/2425

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର




**ଭୁବନେଶ୍ୱର, ୨୦୨୫, ଅପ୍ରେଲ ୧**

# ଚାଷ ଏବଂ ଯୁବ ସମାଜ

'ଚାଷ କାମ ଯାହାର, କି ଆନନ୍ଦ ତାହାର' ଏହି ପଂକ୍ତି ଆମେ ପିଲା ବେଳୁ ଶୁଣି ଆସୁଛୁ। ଦୁନିଆର ସମସ୍ତ ବୃତ୍ତି ତୁଳନାରେ ଚାଷ କାମ ସବା ଉପରେ ରହିବ, ଏ କଥାକୁ ସମସ୍ତେ ସ୍ୱୀକାର କରିବେ। ମଣିଷ ବିକାଶର ଯେତେ ଅଧିକ ଉପରକୁ ଗଲେ ବି ବଞ୍ଚିବା ପାଇଁ ଦିନକୁ ଅନ୍ତତଃ ତିନି ଓଳି ଖାଇବ ହିଁ ଖାଇବ। ଗହଣା, ଗାଡ଼ି, ବଙ୍ଗଳା ରେ ପେଟ ଭରି ନ ଥାଏ। ସୁତରାଂ ଚାଷ ବିନା ମଣିଷ ସମାଜର ଅନ୍ୟ ଗତି ନାହିଁ। ବର୍ଷ ବର୍ଷ ଧରି ଚାଷ କାମ ଲାଭଦାୟକ ଏବଂ ଆକର୍ଷଣୀୟ ରହି ଆସିଥିଲା। ମାତ୍ର ଏଇ କେତେ ବର୍ଷ ହେଲା ରାସାୟନିକ ଚାଷ ପଦ୍ଧତିର ପ୍ରବେଶ ଯୋଗୁ ପ୍ରଥମେ ପ୍ରଥମେ କିଛି ଲାଭ ପାଇଥିଲେ ହେଁ, ଆଜି ଚାଷୀ ଚାଷ ପ୍ରତି ବିମୁଖ ହେଉଛନ୍ତି। ବିଶେଷ କରି ଯୁବ ପୀଢ଼ି ଆଉ ଚାଷ କାମରେ ଆଗଭର ହେଉନାହାନ୍ତି। ଯେ କୌଣସି ଚାଷୀ ଭଉଣୀ ବା ଭାଇ ଙ୍କୁ ପଚାରିଲେ ଉତ୍ତର ମିଳେ ଯେ , ତାଙ୍କ ଉତ୍ତର ପୀଢ଼ି ବା ପିଲାମାନେ ଚାଷ କାମ କରିବାକୁ ଅରାଜି। ଗାଁ ଛାଡି ବରଂ ବାହାରେ କୌଣସି ଅଲଗା କାମ କିମ୍ବା ଚାକିରି କରିବାକୁ ମନ ବଳାଉଛନ୍ତି।' ପାସ ହେଲେ ଜିନ୍ଦାବାଦ, ଫେଲ ହେଲେ ହାଇଦରାବାଦ ' ନୀତିରେ ଆଜିର ଯୁବ ସମାଜ ସହରଭିମୁଖୀ। ଏହି ସ୍ଥାନାନ୍ତରଣ କୌଣସି ଆନନ୍ଦଦାୟକ ନୁହେଁ, ବରଂ ଖୁବ୍ କଷ୍ଟ ଦାୟକ। ଆଜିକାଲି ଓଡ଼ିଶାର ଅନେକ ଗାଁ ରେ ଚାଷ ର ଅନ୍ୟ ଏକ ଛବି ଦେଖିବାକୁ ମିଳୁଛି। ଅନ୍ୟ ରାଜ୍ୟରୁ ଅନେକ ବଡ ବଡ ବ୍ୟବସାୟୀ ଚାଷୀ ଗାଁ ରେ ଏକର ଏକର ଜମି କିଣି କିମ୍ବା କମ୍ ମୂଲ୍ୟରେ ଲିଜ୍ ନେଇ ବ୍ୟାପକ ଭାବରେ ଫାର୍ମ ହାଉସ ବନେଇ ଚାଲିଛନ୍ତି। ଆଉ ସେଇ ଫାର୍ମ ହାଉସ ରେ ଅଞ୍ଚଳର ଅନେକ ଚାଷୀ ମୂଲିଆ କାମ କରୁଛନ୍ତି। ଏହି ଫାର୍ମ ହାଉସ ଗୁଡ଼ିକ ଲାଭ ଜନକ ବ୍ୟବସାୟ କରୁଥିବା ନଜିର ସାମନାକୁ ଆସୁଛି। ହେଲେ ଆମ ଓଡ଼ିଶା ଚାଷୀ ଚାଷ କମଠାରୁ ଦୂରେଇ ଯାଉଛନ୍ତି। ଏହାର କାରଣ କଣ ? ଏହାର ଉତ୍ତର ତ ଅନେକ ରହିଛି। ସେଥିରୁ କେତେକ ମୁଖ୍ୟ ଉତ୍ତର ହେଲା, ବିଗତ ୪୦ ବର୍ଷରୁ ଅଧିକ ସମୟ ହେଲା ଚାଷ କାମରେ ଭରପୁର ମାତ୍ରାରେ ରାସାୟନିକ ସାର ତଥା ରୋଗ ପୋକ ନାଶକ ବିଷର ବ୍ୟାପକ ବ୍ୟବହାର ଯୋଗୁ ଆମ ଚାଷ ଜମିକୁ ବହୁ ପରିମାଣର କ୍ଷତି ପହଞ୍ଚିଛି। ବିଲ ବାଡି ରେ ଆଜି ଆଉ ଜିଆ ଦେଖାଯାଉ ନାହାନ୍ତି, ବରଂ ଚାଷ ଜମି ଆଜି ଚଟାଣ ଭଳି ଟାଣ ପାଲଟିଛି। ଜିଆ କୁ କୃଷକର ବନ୍ଧୁ କହୁଥିବା ମଣିଷ ଆଜି ଜିଆ ଦେହରେ ବନ୍ଧୁକ ଲଗେଇଛି। ମାଟିରୁ ଜିଆ ଆଉ ଅଣୁ ଜୀବ, ଏପରିକି ବିଲ ର ମାଛ, ଗେଣ୍ଡା, କଙ୍କଡା ଆଦି ହଜି ଗଲେଣି। ଚଢେଇ ମାନେ ସଂଖ୍ୟାରେ ଦିନକୁ ଦିନ ଲୋପ ପାଉଛନ୍ତି। ରାସାୟନିକ ସାର, କୀଟନାଶକ ବିଷ ଆଉ ଶଙ୍କର ବିହନର ମଧୁ ଚନ୍ଦ୍ରିକା ରେ ଆଜି ମାଟି, ପାଣି, ପବନ ତଥା ସମଗ୍ର ପରିବେଶ ସମ୍ପୂର୍ଣ୍ଣ ପ୍ରଭାବିତ ଏବଂ ପ୍ରଦୂଷିତ। ପ୍ରତି ବର୍ଷ ରାସାୟନିକ ସାର ଏବଂ କୀଟ ନାଶକ ଆବଶ୍ୟକତା ବୃଦ୍ଧି ପାଉଥିବା ବେଳେ ସେହି ଅନୁପାତରେ ଅମଳ ବୃଦ୍ଧି ପାଉ ନାହିଁ। ବିଷାକ୍ତ ରାସାୟନିକ ଚାଷ ଏତେ ଖର୍ଚ୍ଚ ବହୁଳ ହୋଇଯାଇଛି ଯେ, ଚାଷୀ ଧାର କରଜରେ ଉବୁଟୁବୁ। ତେଣୁ ବାପା ମାଆ ଙ୍କୁ ଧାର୍ କରଜ ରେ ବୁଡି ରହି ଥିବାର ଦେଖି ଯୁବ ପିଢ଼ି ଚାଷ କାମ ଠାରୁ ବିମୁଖ ହେବା ସ୍ୱାଭାବିକ।



ଡ଼. ମହମ୍ମଦ ଇମ୍ରାନ୍ ଆଲୀ

ଆଜିଠୁ ୨୦-୩୦ ବର୍ଷ ତଳେ ପ୍ରତ୍ୟେକ ଚାଷୀ ପାଖରେ ଦେଶୀ ବିହନ ମହଜୁଦ ରହୁଥିଲା। ବିହନ ପାଇଁ ବଜାର କିମ୍ବା ସରକାର ଉପରେ ନିର୍ଭରଶୀଳ ନଥିଲେ ଚାଷୀ ପରିବାର। ଧାନ, ମାଣ୍ଡିଆ, ପନିପରିବା, ଡାଲି, ସାଗ ତଥା ସମସ୍ତ ବିହନ ଗାଁରେ ରହୁଥିଲା। ଆଉ ଆଜି ସାଧାରଣ ପୋଇ ସାଗ ର ବିହନ ମଧ୍ୟ ଆମ ପାଖରେ ଆଉ ନାହିଁ। ବଜାର କୁ ନଗଲେ କିମ୍ବା ସରକାରଙ୍କ ଠୁ ବିହନ ନ ମିଳିବା ପର୍ଯ୍ୟନ୍ତ ଆମ ଚାଷକାମ ଆରମ୍ଭ ମଧ୍ୟ ହୋଇପାରୁ ନାହିଁ। ଆଜି ବିହନ ର ସାର୍ବଭୌମତ୍ୱ ହରାଇଛନ୍ତି ଚାଷୀ ପରିବାର। ବିହନ ର ସ୍ୱାଧୀନତା ଗଲା ପରେ କୃଷୀ କାର୍ଯ୍ୟ ଆହୁରି ବ୍ୟୟ ବହୁଳ ହୋଇପଡିଛି। ତେଣୁ ଏ ସମସ୍ତ ସମସ୍ୟାରେ ପେଶି ନହେବା ପାଇଁ ଆଜି ଯୁବ ପୀଢ଼ି ଚାଷ ଠାରୁ ଦୂରେଇଛି।ଏହାଛଡା ହାଇବ୍ରିଡ ଏବଂ ହାଇ ୟିଲଡିଂ ବିହନ କଦାପି ଜଳବାୟୁ ର ପରିବର୍ତ୍ତିତ ପରିସ୍ଥିତିକୁ ମୁକାବିଲା କରିବାକୁ ଅକ୍ଷମ। ଅଦିନିଆ ବର୍ଷା, ବହୁପରିମାଣ ର ଲଗାତାର ବର୍ଷା କିମ୍ବା ସ୍ୱଳ୍ପ ବର୍ଷା ଚାଷୀ କୁଳର ବର୍ଷଜାକ ପରିଶ୍ରମକୁ ନଷ୍ଟ କରିଦେଉଛି। ଏହା ବ୍ୟତିତ ଅନେକ ଗାଁରେ ହାତୀ, ବରାହ, ହରିଣ ଇତ୍ୟାଦି ଆକ୍ରମଣରେ ଆଜି ଚାଷଭୂମୀ ଉଜୁଡ଼ିଛି। ରାଜ୍ୟର ଅନେକ ଜାଗାରେ ମାଙ୍କଡ ଯୋଗୁଁ ଚାଷ ଭୂମି ପଡିଆ ପଡ଼ିଛି। ଓଡ଼ିଶାର ଅନେକ ଚାଷୀ ପରିବାର ମାଙ୍କଡ ଭୟରେ ରବି ଫସଲ କରନ୍ତି ନାହିଁ। ଏହାଛଡ଼ା ଷଣ୍ଢ ଏବଂ ବୁଲା ଗାଇ ମଧ୍ୟ ଅନେକ ଚାଷୀଙ୍କୁ ନିରୁତ୍ସାହିତ କରୁଛନ୍ତି। ଓଡ଼ିଶାର ଅଧିକାଂଶ ଜମି ରେନ୍ ଫେଡ୍ ଅର୍ଥାତ୍ ବର୍ଷା ଉପରେ ନିର୍ଭରଶିଳ। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଆମେ ଆମ ଚାଷ ଭୂମିକୁ ଜଳସେଚିତ କରିବାରେ ଅକ୍ଷମ। ବର୍ଷା ଜଳକୁ ମଧ୍ୟ ସଠିକ ଉପାୟରେ ପରିଚାଳନା କ୍ଷେତ୍ରରେ ମଧ୍ୟ ଆମେ ବିଫଳ। ତେଣୁ ଜଳ ସଙ୍କଟ ପରିସ୍ଥିତିରେ ଯୁବ ଚୃଷି କାହିଁକି ଏବଂ କେଉଁ ଭରସାରେ ଚାଷ କରିବେ ? ଏହାଛଡା, ଅଭାବି ବିକ୍ରୀ, ଗାଁରେ ବଜାର ର ଅଭାବ, ସହଅଞ୍ଚଳକୁ ସିଧାସଳଖ ଚାଷୀଙ୍କ ଯୋଗାଯୋଗରେ ସମସ୍ୟା ଇତ୍ୟାଦି ମଧ୍ୟ ଚାଷୀଙ୍କୁ ଚାଷ କାମ ଠୁ ଦୂରେଇ ଦେଉଛି। ଜୈବିକ ବା ପ୍ରାକୃତିକ ଚାଷ, ଦେଶି ବିହନ ର ବ୍ୟବହାର, ଉପଯୁକ୍ତ ବଜାର, ଚାଷ ଭୂମିକୁ ଜଳସେଚନ ତଥା ଚାଷ କାମକୁ ଏକ ଲାଭଦାୟକ ବୃତ୍ତି କରିପାରିଲେ ଆମେ ଯୁବ ପୀଢ଼ି ଙ୍କୁ ଚାଷ କାମରେ ଉତ୍ସାହିତ କରିପାରିବା। ଚାଷୀଙ୍କୁ ଉଚିତ୍ ମର୍ଯ୍ୟାଦା ତଥା ତାଙ୍କ ଉତ୍ପାଦନକୁ ଉଚିତ୍ ପାଉଣା ଯୋଗାଇ ପାରିଲେ ଯୁବ ପୀଢ଼ି ଚାଷ ପାଇଁ ଆଗଭର ହେବେ।

ଗୌରୀ ନଗର, ଓଲ୍ଡ଼ ଟାଉନ୍, ଭୁବନେଶ୍ୱର
ମୋବାଇଲ୍ ନମ୍ବର୍: ୯୪୩୮୭୪୭୩୨୦

# ଡା.କେଶବ ବଲୀରାମ ହେଡ଼ଗେୱାର : ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରତିଷ୍ଠାତା

ଭାରତୀୟ ସଂସ୍କୃତି, ପରମ୍ପରା ଓ ଆଦର୍ଶ ଅନୁଯାୟୀ ସଂଯୁକ୍ତ ଭାରତ ଗଢ଼ିବା ଲକ୍ଷ୍ୟରେ ମରାଠା ସ୍ୱାଧୀନତା ସଂଗ୍ରାମୀ, ଚିନ୍ତାନାୟକ ଡା.କେଶବ ବଲୀରାମ ହେଡ଼ଗେୱାର ୧୯୨୫ ରେ ନାଗପୁରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସ୍ଥାପନ କରିଥିଲେ। ସେ ହିଁ ଆରଏସ୍ଏସ୍‌ର ପ୍ରଥମ ସରସଂଘଚାଳକ ବା ମୁଖ୍ୟ ନେତା। ସ୍ୱାମୀ ବିବେକାନନ୍ଦ, ଶ୍ରୀଅରବିନ୍ଦ ଓ ବିନାୟକ ଦାମୋଦର ସାଭରକରଙ୍କ ସାମାଜିକ ଆଧ୍ୟାତ୍ମିକ ଚିନ୍ତାଧାରା ଆଧାରରେ ସେ ଆରଏସ୍ଏସ୍‌ର ଦର୍ଶନ ବିକଶିତ କରିଥିଲେ। ଡା.ହେଡ଼ଗେୱାରଙ୍କ ପିତା ଥିଲେ ଜଣେ ସାଧାରଣ ରକ୍ଷଣଶୀଳ ପୂଜକ। ତେର ବର୍ଷ ବୟସରେ ପ୍ଲେଗରେ ଉଭୟ ପିତା ଓ ମାତାଙ୍କୁ ହରାଇ ସେ ଅନାଥ ହୋଇଥିଲେ। ତେବେ ଅତ୍ୟଧିକ ଆତ୍ମ-ସମ୍ମାନବୋଧ ଯୋଗୁଁ ଚଳିବା ପାଇଁ କାହା ପାଖରେ ହାତ ପତାଇ ନଥିଲେ କି କାହାର ସାହାଯ୍ୟ ଭିକ୍ଷା କରି ନଥିଲେ। ନାନା ସମସ୍ୟା ମଧ୍ୟରେ ବିଦ୍ୟାଳୟ ଜୀବନକୁ ଆଗକୁ ବଢ଼ାଇଲେ। ନାଗପୁରର ନୀଲ ସିଟି ହାଇ ସ୍କୁଲରେ ପଢ଼ୁଥିବା ବେଳେ ବ୍ରିଟିଶ ସରକାର ନିଷେଧାଦେଶ ସତ୍ତ୍ୱେ ସେ ବିଦ୍ୟାଳୟ ପରିସରରେ ବନ୍ଦେ ମାତରମ୍ ଗାନ କରି ବହିଷ୍କୃତ ହୋଇଥିଲେ। ତାହାପରେ ଯବତମାଳ ଓ ପୁଣେରେ ବିଦ୍ୟାଳୟ ଶିକ୍ଷା ସାରି ହିନ୍ଦୁ ମହାସଭାର ଜାତୀୟ ସଭାପତି ଡା.ବାଳକୃଷ୍ଣ ଶିବରାମ ମୁଂଜେଙ୍କ ସାହାଯ୍ୟରେ ଡାକ୍ତରୀ ପଢ଼ିବା ପାଇଁ କାଲକତା ଯାଇଥିଲେ। ୧୯୧୫ରେ ଡାକ୍ତର ହୋଇ ଫେରିଥିଲେ ନାଗପୁର। ସେତେବେଳେ ଡା.ହେଡ଼ଗେୱାରଙ୍କ ପରିବାରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ ଥିଲା। ସେ ଚିକିତ୍ସା ବ୍ୟବସାୟ ଦ୍ୱାରା ପରିବାରର ଆର୍ଥିକ ସ୍ଥିତି ସୁଧାରିବେ ବୋଲି ଭାଇମାନେ ଆଶା କରୁଥିଲେ। କିନ୍ତୁ ସେ, ତାହା ନକରି ଜାତୀୟ କଂଗ୍ରେସର ବାଲ



ସୌର ଚନ୍ଦ୍ର ମହାପାତ୍ର

ଗଙ୍ଗାଧର ତିଳକ ଗୋଷ୍ଠୀରେ ଯୋଗ ଦେଇଥିଲେ। କଂଗ୍ରେସ ସହ ତାଙ୍କର ସଂପର୍କ ଦୀର୍ଘସ୍ଥାୟୀ ହୋଇପାରି ନଥିଲା। ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟରେ କଂଗ୍ରେସ ନେତା ଭାବେ ଦୁଇ ଦୁଇ ଥର ଜେଲ ଯାଇଥିଲେ ହେଁ ପରେ ଉକ୍ତ ଦଳ ସହ ସଂପର୍କ ଛିନ୍ନ କରି ଡା.ମୁଂଜେଙ୍କ ପରାମର୍ଶରେ ଆରଏସ୍ଏସ୍ ଗଢ଼ିଥିଲେ। ଡା.ମୁଂଜେଙ୍କୁ ତାଙ୍କ ପ୍ରକୃତ ଗୁରୁ କୁହାଯାଏ। ଆରଏସ୍ଏସ୍ ସଂଗଠନ ତାଙ୍କ ସମୟରେ ବେଶ ସଂପ୍ରସାରିତ ହୋଇପାରିଥିଲା। ୧୯୩୬ରେ ଏହାର ମହିଳା ଶାଖା ଖୋଲିଥିଲା। ସ୍ୱୟଂସେବକମାନେ ଡା.ହେଡ଼ଗେୱାରଙ୍କୁ ଡକ୍ଟରଜୀ ସଂବୋଧିତ କରୁଥିଲେ। ୧୯୪୦ ବେଳକୁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ସେ ମାଧବ ସଦାଶିବ ଗୋଲୱାଲକରଙ୍କୁ ସରସଂଘଚାଳକର ଦାୟିତ୍ୱ ହସ୍ତାନ୍ତରିତ କରିବା ଆରମ୍ଭ କରିଥିଲେ। ଜୁନ୍ ୧୯୪୦ରେ ଡା.ହେଡ଼ଗେୱାରଙ୍କ ଦେହାନ୍ତ ପରେ ଗୋଲୱାଲକର ସରସଂଘଚାଳକ ଭାବେ ନିଯୁକ୍ତି ହୋଇଥିଲେ। ୧୮୮୯ ଏପ୍ରିଲ ଆଜିର ଦିନରେ ଡା.ହେଡ଼ଗେୱାର ଜନ୍ମ ହୋଇଥିଲେ।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ

# ଅପ୍ରାସଙ୍ଗିକ ଇଣ୍ଡିଆମେଣ୍ଟ ଓ ରାହୁଲଗାନ୍ଧୀ

୨୦୨୪ର ଲୋକସଭା ନିର୍ବାଚନ ବେଳେ ଇଣ୍ଡିଆ ମେଣ୍ଟ ବିଜେପି ବିରୁଦ୍ଧରେ ଲଢ଼ିଥିଲା ଓ ବିଜେପିକୁ ସଂଖ୍ୟାଗରିଷ୍ଠତା ଠାରୁ ଦୂରେଇ ରଖିବାରେ ସଫଳ ହୋଇଥିଲା। ଫଳତଃ ଚନ୍ଦ୍ରବାବୁ ନାଇଡୁ ଓ ନିତିଶ କୁମାରଙ୍କୁ ବାଧ ହୋଇ ସରକାରରେ ସାମିଲ କରିଥିଲା ବିଜେପି। ନିର୍ବାଚନର ଫଳାଫଳ ପରେ ଆଶା କରାଯାଉଥିଲା ଯେ ଇଣ୍ଡିଆ ମେଣ୍ଟ ନରେନ୍ଦ୍ର ମୋଦିଙ୍କ ସରକାରଙ୍କୁ ଜବରଦସ୍ତ ମୁକାବିଲା କରିବ। କିନ୍ତୁ ଏବେ ଦେଖାଯାଉଛି ଯେ ଯାହା ଆଶା କରାଯାଉଥିଲା ତାହା ହେଉନାହିଁ। ଇଣ୍ଡିଆ ମେଣ୍ଟ ଭିତରେ ସାମସ୍ୟର ଅଭାବ ଏବଂ ଗଭୀର ମତଭେଦ କାରଣରୁ ମେଣ୍ଟ ଏବେ ଅପ୍ରସଙ୍ଗିକ ହେବାରେ ଲାଗିଛି। ଅନେକ ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ ଇଣ୍ଡିଆ ମେଣ୍ଟତାର ଅସ୍ତିତ୍ୱ ହରାଇବାକୁ ବସିଲାଣି। ହରିଆଣା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ଏବଂ ଦିଲ୍ଲୀ ନିର୍ବାଚନ ଫଳାଫଳ ପରେ ଏବେ ଏହି ମେଣ୍ଟ ବିଭାଜିତ ଅବସ୍ଥାରେ ଓ କେବେବି ବିଜେପିର ମୁକାବିଲା କରିପାରିବ ନାହିଁ ବୋଲି ସ୍ପଷ୍ଟ ହେବାକୁ ଲାଗିଲାଣି। ଲୋକସଭା ନିର୍ବାଚନରେ ବିଜେପିକୁ ଝଟକା ଲାଗିଥିଲା ନିଶ୍ଚୟ କିନ୍ତୁ ଦଳ ତାର ସ୍ଥିତିକୁ ସୁଧାରିବାରେ ଲାଗିଛି ଏବଂ ବିଧାନ ସଭା ନିର୍ବାଚନରେ ବିଜୟ ପରେ ବିରୋଧି ମେଣ୍ଟର ଭବିଷ୍ୟତ ଉପରେ ମଧ୍ୟ ପ୍ରଶ୍ନଚିହ୍ନ ଲଗାଇ ଦେଇଛି। କିନ୍ତୁ ବିରୋଧି ମେଣ୍ଟର ନେତା ମାନେ ଏ ଘଟଣାକୁ ନେଇ ଚିନ୍ତିତ ଥିବା ପରି ଜଣାପଡୁନାହିଁ। ସଂସଦ ଭିତରେ କି ବାହାରେ ବିରୋଧି ନେତାଙ୍କ ମଧ୍ୟରେ ସମନ୍ୱୟ ମଧ୍ୟ ନାହିଁ। ଦିଲ୍ଲୀରେ ଆମ୍ଆଦମୀ ପାର୍ଟିକୁ ଯେଉଁ ଧକ୍କା ଲାଗିଲା ସେଥିରୁ ବିରୋଧି ଇଣ୍ଡିଆ ମେଣ୍ଟର ନେତାଙ୍କ ମଧ୍ୟରେ ଥିବା ମତଭେଦ ସ୍ପଷ୍ଟ ହୋଇଯାଇଛି। ମେଣ୍ଟର କେତେକ ନେତା ଆମ୍ ଆଦ୍‌ମୀ ପାର୍ଟିକୁ ସମର୍ଥନ କରିଥିବା ବେଳେ କଂଗ୍ରେସ ବିଜେପି ଅପେକ୍ଷା ଆପ୍‌କୁ ଅଧିକ ସମାଲୋଚନା କରିଥିଲା। ଇଣ୍ଡିଆ ମେଣ୍ଟ ଠିକ୍ ଅଛି ବୋଲି କୁହାଯାଉଛି କିନ୍ତୁ ମେଣ୍ଟର ନେତାମାନେ ପରସ୍ପର ତଣ୍ଟି କାଟିବାରେ ଲାଗିଛନ୍ତି। ଦିଲ୍ଲୀରେ ଯଦି ଆପ୍ ଓ କଂଗ୍ରେସ ମିଳିମିଶି ନିର୍ବାଚନ ଲଢ଼ିଥାନ୍ତେ ହୁଏତ ଫଳ କିଛି ଭିନ୍ନ ହୋଇଥାନ୍ତା। ସେହିପରି ଯଦି ହରିଆଣାରେ ଆପ୍ ଭୋଟ ବିଭାଜନ କରିନଥାନ୍ତା ତେବେ ହୁଏତ କଂଗ୍ରେସ ସରକାର ଗଢ଼ିଥାନ୍ତା।

କଂଗ୍ରେସ ଏବେ ବୁଝିଗଲାଣି ଯେ ଅନେକ ଆଞ୍ଚଳିକ ଦଳ କଂଗ୍ରେସର କାନ୍ଧରେ ଗୋଡ଼ ରଖି ସଫଳତା ହାସଲ କରିବାରେ ଲାଗିଛନ୍ତି। ଏହି ଅବସ୍ଥା ରହିଲେ କଂଗ୍ରେସ ତାର ସ୍ଥିତି ହରାଇବସିବ। ଏହି ଅବସ୍ଥାକୁ ରୋକିବା ପାଇଁ ଦିଲ୍ଲୀ ବିଧାନସଭା ନିର୍ବାଚନରେ କଂଗ୍ରେସ ଆପ୍‌କୁ ବିରୋଧି କରିଥିଲା। କିନ୍ତୁ ହିନ୍ଦୀ ଭାଷାଭାଷି କ୍ଷେତ୍ରରେ ବିଜେପି ସହ କଂଗ୍ରେସ ମୁକାବିଲା କରି ପାରୁନାହିଁ। ଏହି କାରଣରୁ ମେଣ୍ଟରେ କଂଗ୍ରେସର ସ୍ଥିତି ମଧ୍ୟ ଦୁର୍ବଳ ହେଉଛି। କଂଗ୍ରେସ ଏକଥା ମଧ୍ୟ ବୁଝିଛି ଯେ ଆଞ୍ଚଳିକ ଦଳମାନେ କଂଗ୍ରେସର ପରମ୍ପରାଗତ ସମର୍ଥନ ବିଶେଷ କରି ଦଳିତ ଏବଂ ମୁସଲିମ ଭୋଟରଙ୍କୁ ନିଜ ଆଡ଼କୁ ଟାଣିନେଲେଣି ଅନ୍ୟ ପକ୍ଷରେ ଆଞ୍ଚଳିକ ଦଳମାନେ କଂଗ୍ରସକୁ ସେମାନଙ୍କ ପାଇଁ ବାଧକ ବୋଲି ଭାବୁଛନ୍ତି। ଦିଲ୍ଲୀରେ କଂଗ୍ରେସକୁ ମାତ୍ର ୬ ପ୍ରତିଶତ ଭୋଟ ମିଳିଥିଲା। କିନ୍ତୁ ଆପ୍ ସରକାର ଗଢି ପାରିଲା ନାହିଁ। ଏବେ ମେଣ୍ଟ ପକ୍ଷରୁ କୌଣସି ମିଳିତ କାର୍ଯ୍ୟକ୍ରମ ନାହିଁ କିମ୍ବା ମେଣ୍ଟ ନେତା ମାନଙ୍କର ବୈଠକ ମଧ୍ୟ ବସୁନାହି। ସଂସଦରେ ମଧ୍ୟ ଇଣ୍ଡିଆ ମେଣ୍ଟର ସାଂସଦମାନଙ୍କ ମଧ୍ୟରେ ଏକଜୁଟତା ଦେଖିବାକୁ ମିଳୁନାହିଁ। ଏବେ ମେଣ୍ଟରେ ସାମିଲ ଅନେକ ଆଞ୍ଚଳିକ ଦଳମାନେ କଂଗ୍ରେସ ସହ ରହିବାକୁ ମଧ୍ୟ ଇଚ୍ଛା ପ୍ରକାଶ କରୁନାହାଁନ୍ତି। ସେମାନେ ଭାବୁଛନ୍ତି କଂଗ୍ରେସ ସହ ରହିଲେ ଲାଭ ନାହିଁ ବରଂ କ୍ଷତି।

ରାହୁଲଗାନ୍ଧୀ କଂଗ୍ରେସ ଏବଂ ବିରୋଧି ଦଳଙ୍କ ଶକ୍ତି ଏବଂ ବାଧବାଧକତା ମଧ୍ୟ। ରାହୁଲ ପ୍ରସଙ୍ଗ ଉପସ୍ଥାପନ କରୁଛନ୍ତି ଏବଂ ସରକାରଙ୍କୁ ଘେରୁଛନ୍ତି। ବିରୋଧି ଦଳର କୌଣସି ନେତାଙ୍କର ଏଭଳି କ୍ଷମତା ନାହିଁ। ରାହୁଲ ଅନେକ ପ୍ରସଙ୍ଗରେ ସରକାରଙ୍କୁ ଘେରିଛନ୍ତି କିନ୍ତୁ ଅନ୍ୟମାନଙ୍କୁ ସାଥିରେ ନେଇ ଚାଲିବାକୁ ଇଚ୍ଛା କରିନାହାଁନ୍ତି। ଏହାକୁ ତାଙ୍କର ସ୍ୱଭାବ ବୋଲି ମଧ୍ୟ କୁହାଯାଇପାରେ। ରାହୁଲଙ୍କର ଧୈର୍ଯ୍ୟନାହିଁ କିମ୍ବା ବିନମ୍ରତା ନାହିଁ। ଏକାକୀ ଚାଲ କଥା ରାଜନୀତିରେ ଚାଲେ ନାହିଁ। ଅଭିଯୋଗ ହେଉଛି ଯେ ରାହୁଲ ବିରୋଧି ଦଳର ନେତାମାନଙ୍କୁ ଭେଟିବା ପାଇଁ ସମୟ ଦେଉନାହାଁନ୍ତି। ଯେମିତି ମନମୋହନ ସିଂହଙ୍କ ସରକାରରେ ସୋନିଆ ଗାନ୍ଧୀ ମେଣ୍ଟର ନେତା ମାନଙ୍କ ସହ ସମନ୍ୱୟ ରକ୍ଷା କରୁଥିଲେ ସେଭଳି ମାନସିକତା ରାହୁଲଙ୍କ ଠାରେ ଦେଖିବାକୁ ମିଳୁନାହିଁ। ଲୋକସଭାରେ ବିରୋଧିଦଳର ନେତା ହେବା ପରେ ଆଶା କରାଯାଉଥିଲା ଯେ ରାହୁଲ ଗାନ୍ଧୀ ନରେନ୍ଦ୍ର ମୋଦୀଙ୍କ ସ୍ୱାଭାବିକ ବିକଳ୍ପ ଭାବେ ଉଭାହେବେ, କିନ୍ତୁ ସେଭଳି କିଛି ହେବ ବୋଲି ଜଣାପଡୁନାହିଁ। ରାଷ୍ଟ୍ରୀୟ ସର୍ବେକ୍ଷଣ ଏବେବି ରାହୁଲ ଗାନ୍ଧୀଙ୍କୁ ସବୁଠାରୁ ପ୍ରଭାବଶାଳୀ ବିରୋଧି ନେତା ବୋଲି କହୁଛି କିନ୍ତୁ ଲୋକପ୍ରିୟତା ପ୍ରସଙ୍ଗରେ ରାହୁଲ ନରେନ୍ଦ୍ର ମୋଦୀଙ୍କ ସମକକ୍ଷ ହୋଇ ପାରିବେ ନାହିଁ। ଅନ୍ୟ ବିରୋଧି ନେତାଙ୍କୁ ସାଥିରେ ନନେବା ତାଙ୍କର ଏକ ଅସଫଳତା ଏବଂ ଆଦାନୀ ପ୍ରସଙ୍ଗକୁ ଧରି ଅଡି ବସିବା ଦ୍ୱାରା ତାଙ୍କ ପ୍ରଭାବ ବଢିନାହିଁ। ଏବେ ଦେଶର ପ୍ରମୁଖ ସମସ୍ୟା ହେଉଛି ବେରୋଜଗାରୀ, ଆଦାନୀ ନୁହେଁ। ଶରଦ ପାଓ୍ୱାର ଏ ପ୍ରସଙ୍ଗରେ କହିଛନ୍ତି ଯେ ସଂସଦ ସମୟକୁ ଅନ୍ୟ ପ୍ରସଙ୍ଗରେ ବ୍ୟବହାର କରାଯିବା ଉଚିତ୍। କିନ୍ତୁ ରାହୁଲ ଶୁକ୍ରାଚାର୍ଯ୍ୟ ଗୋଟିଏ ଆଖିରେ ଦେଖିବା ଭଳି ଓ୍ୱାନଟ୍ରାକ୍‌ରେ ଚାଲିଛନ୍ତି। ଯେଉଁ ପ୍ରସଙ୍ଗକୁ ଧରୁଛନ୍ତି ତାଙ୍କୁ ଛାଡୁ ନାହାଁନ୍ତି। ଏଠି ମନେ ପକାଇ ଦିଆଯାଇପାରେ ଚୌକୀଦାର ଚୋରହେନ୍ତ ଅଭିଯାନ। ରାହୁଲଙ୍କର ଏହି କଥା/ପ୍ରସଙ୍ଗ ଗୁରୁତ୍ୱହୀନ ହୋଇଯାଇଥିଲା। ରାହୁଲ ଏକଥା ବୁଝିବା ଉଚିତ୍ ଯେ କେତେଦିନ ପର୍ଯ୍ୟନ୍ତ ସମ୍ବିଧାନର କପିକୁ ଦେଖେଇ ଚାଲିବେ ? ସମସ୍ତେ ଜାଣନ୍ତି ସମ୍ବିଧାନ ଉପରେ ବିପଦ ଆସିପାରିବ ନାହିଁ।



ଗୋପାଳ ମହାପାତ୍ର

ଅନେକ ରାଜନୈତିକ ବିଶ୍ଳେଷକଙ୍କ ମତରେ ରାହୁଲ ଜଣେ ଭଲ ମଣିଷ କିନ୍ତୁ ଅନେକ ସମୟରେ ଭୁଲ ପ୍ରସଙ୍ଗ ଉଠାଉଛନ୍ତି ଯାହାର ଫାଇଦା ନେଉଛି ବିଜେପି, କଂଗ୍ରେସ ଦଳ ତାର ନେତୃତ୍ୱକୁ ଗଣତାନ୍ତ୍ରିକ କରିବା ଆବଶ୍ୟକ କିନ୍ତୁ ନେତୃତ୍ୱ ଗାନ୍ଧୀ ପରିବାରର ସଦସ୍ୟ ଏବଂ ମଲ୍ଲିକାର୍ଜୁନ ଖଡଗେଙ୍କ ମଧ୍ୟରେ ସିମୀତ ରହିଛି। ନୂଆ ମାମଲା ଶଶିଥରୁରଙ୍କୁ ନେଇ। ଶଶିଥରୁର କେରଳରୁ ୪ଥର ନିର୍ବାଚନ ଜିତିଛନ୍ତି ଓ ତାଙ୍କର ଏକ ବଳିଷ୍ଠ ବ୍ୟକ୍ତିତ୍ୱ ରହିଛି ଏପରିକି ଜନ ସମର୍ଥନ ମଧ୍ୟ ରହିଛି। କିନ୍ତୁ ଦଳରେ ତାଙ୍କୁ ଗୁରୁତ୍ୱ ଦିଆନଯିବା କାରଣରୁ ସେ ଅସନ୍ତୁଷ୍ଟ। ଶଶିଥରୁର ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତକୁ ପ୍ରଶଂସା କରିଥିଲେ ଏଣୁ ଦଳୀୟ ନେତୃତ୍ୱ ତାଙ୍କ ଉପରେ ଅସନ୍ତୁଷ୍ଟ। ଯଦି ଶଶି ଥରୁର ଦଳ ଛାଡି ଦିଅନ୍ତି ତେବେ ଦଳ କୁ ନେତୃତ୍ୱକୁ ଝଟକା ଲାଗିବ ନିଶ୍ଚୟ ଏବଂ ସାଧାରଣରେ ଏକ ବାର୍ତ୍ତାଯିବ ଯେ ଦଳ ଭଲ ଲୋକଙ୍କୁ ସମ୍ଭାଳି ପାରୁନାହିଁ। କଂଗ୍ରେସ ନେତୃତ୍ୱ ଶଶି ଥରୁରଙ୍କ ଉପରେ ଅସନ୍ତୁଷ୍ଟ ହେବାର କାରଣ ହେଉଛି ୨୦୨୨ରେ କଂଗ୍ରେସ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନବେଳେ ସୋନିଆ ଗାନ୍ଧୀ ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କୁ ସମର୍ଥନ କରୁଥିବା ବେଳେ ଶଶି ଥରୁର ଖଡଗେଙ୍କ ବିରୁଦ୍ଧରେ ଠିଆ ହୋଇଥିଲେ। ହୁଏତ ଏହା ଦଳୀୟ ନିୟମର ବିରୁଦ୍ଧାଚରଣ କିନ୍ତୁ ଦଳରେ ପ୍ରତିଭାବାନ୍ ବ୍ୟକ୍ତିଙ୍କ ଅଭାବ ଦଳକୁ ଦୁର୍ବଳ କରିଦେବ।

ବିଧାନସଭା ନିର୍ବାଚନରେ କଂଗ୍ରେସ ନେତୃତ୍ୱର ଅଙ୍କ କାମ କଲାନାହିଁ। ଦଳମଧ୍ୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ କଲାନାହିଁ। ନରେନ୍ଦ୍ର ମୋଦୀ ନିଜେ ସବୁ ତଦାରଖ କରୁଛନ୍ତି। ସଂସଦରେ କେବଳ ଭାଷଣ ଦେଲ ଯେ ରାଜନୀତି ଚମକି ଉଠିବ ତା ନୁହେଁ। କଂଗ୍ରେସ ନେତୃତ୍ୱ ଠାରୁ ନିରାଶ ହେବା ପରେ ଯେତେବେଳେ ମମତା ବାନାର୍ଜୀ ଇଣ୍ଡିଆ ମେଣ୍ଟା ନେତା ହେବେ ବୋଲି ଇଚ୍ଛା ପ୍ରକାଶ କଲେ ସେତେବେଳେ ମେଣ୍ଟର ଅନେକ ନେତା ତାଙ୍କୁ ସମର୍ଥନ କଲେ। ମମତାଙ୍କୁ ଲାଲୁଯାଦବ, ଶରଦ ପାଓ୍ୱାର, ଅରବିନ୍ଦ କେଜରିୱାଲ, ଉଦ୍ଧବ ଠାକ୍‌ରେ ସମର୍ଥନ କଲେ। ଏହା କଂଗ୍ରେସ ପ୍ରତି ବଢୁଥିବା ଅବିଶ୍ୱସର ସୂଚନା ନିଶ୍ଚୟ। ଲାଲୁଯାଦବ ଗାନ୍ଧୀ ପରିବାରର ଜଣେ କଠୋର ସମର୍ଥକ। ବିହାରରେ ଆଉ କିଛିଦିନ ପରେ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ କଂଗ୍ରେସର ସହାୟତା ଆବଶ୍ୟକ ନାହିଁ ବୋଲି ସେ କହିଛନ୍ତି। ଆସନ୍ତା ବର୍ଷ ପଶ୍ଚିମବଂଗରେ ନିର୍ବାଚନ ହେବ ଏବଂ ମମତା ସ୍ପଷ୍ଟ କରି ଦେଇଛନ୍ତି ଯେ ତାଙ୍କ ଦଳ ଏକାକୀ ନିର୍ବାଚନ ଲଢିବ। ମମତାଙ୍କୁ ଅନ୍ୟ ଆଞ୍ଚଳିକ ଦଳମାନେ ସମର୍ଥନ କରିବାର କାରଣ ହେଉଛି ସେମାନଙ୍କ ପାଇଁ ମମତା ବିପଦ ନୁହଁନ୍ତି କିନ୍ତୁ ଯେହେତୁ କଂଗ୍ରେସ ଏକ ସର୍ବ ଭାରତୀୟ ରାଷ୍ଟ୍ରୀୟ ଦଳ ତେଣୁ କଂଗ୍ରେସ ସେମାନଙ୍କ ପାଇଁ ବିପଦ ସୃଷ୍ଟି କରିପାର।

ବିରୋଧି ମେଣ୍ଟର ନେତା ଭୂମିକା ପାଇଁ କଂଗ୍ରେସ ନେତୃତ୍ୱକୁ ଉଦାର ହେବା ସହ ସମସ୍ତଙ୍କୁ ସାଥିରେ ନେଇ ଚାଲିବାର ମାନସିକତା ରଖିବା ଆବଶ୍ୟକ। ଏବେ କଂଗ୍ରେସର ନେତୃତ୍ୱଙ୍କ ପାଖରେ ଏ ଦୁଇଟିଯାକ କଥା ନାହିଁ। ଆସନ୍ତା ବର୍ଷ କେରଳ, ଆସାମ, ପଶ୍ଚିମବଂଗ, ତାମିଲନାଡୁ ଏବଂ ପୁଡୁଚେରୀରେ ବିଧାନସଭା ପାଇଁ ନିର୍ବାଚନ ହେବ। ଆଞ୍ଚଳିକ ଦଳ (ବିଜେପି ବିରୋଧି) କଂଗ୍ରେସ ଠାରୁ ଦୁରେଇ ଯିବାକୁ ଚାହୁଁଛନ୍ତି। ଯଦି ଅଲଗା ଅଲଗା ନିର୍ବାଚନ ଲଢନ୍ତି ତେବେ ବିଜେପିକୁ ଫାଇଦା ମିଳିବ । ଏବେ ଭୋଟର ମଧ୍ୟ ଭ୍ରମିତ ହେଉଛନ୍ତି ଯେ ଏମାନେ ଏକାଠି ନା ଅଲଗା ? ବିରୋଧି ଦଳ ମାନଙ୍କ ମଧ୍ୟ ଏକତାର ଆବଶ୍ୟକତା ରହିଛି। ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଶକ୍ତିଶାଳୀ ବିରୋଧିଦଳ ମଧ୍ୟ ଦରକାର। ଗତ ଲୋକସଭା ନିର୍ବାଚନରେ ଏକ ମଜଭୁତ ବିପକ୍ଷ ପାଇଁ ଲୋକେ ଭୋଟ ଦେଇଛନ୍ତି ଏବଂ ବିପକ୍ଷ କେବଳ କଂଗ୍ରେସର ଚାରିପଟେ ଏକାଠି ହୋଇ ପାରିବେ। ଏକଥା ସମାଜବାଦୀ ପାର୍ଟିର ନେତା ଅଖିଳେଶ ଯାଦବ ସ୍ୱୀକାର କରିଛନ୍ତି। କିନ୍ତୁ ଏଥିପାଇଁ କଂଗ୍ରେସ ନେତୃତ୍ୱକୁ ଦୂରଦର୍ଶୀ ହେବାକୁ ପଡିବ। ଏବେର ରାଜନୈତିକ ଅବସ୍ଥା ଯେଭଳି ମୋଡ଼ ନେବାକୁ ଯାଉଛି ସେଇ ପରିସ୍ଥିରେ ରାହୁଲ କ'ଣ ନେତୃତ୍ୱ ଦେଇପାରିବେ ?

ରାମଚନ୍ଦ୍ରପୁର, ରଣପୁର
ମୋ୯୪୩୮୪୮୫୦୯୪

# ଉତ୍କଳ ଦିବସର ଅନୁଚିନ୍ତା

୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ସ୍ୱରୂପ ଆତ୍ମପ୍ରକାଶ କଲା। ଉତ୍କଳ ଦିବସ ନାମରେ ପରିଚିତ ଏପ୍ରିଲ ପହିଲା ହେଉଛି ଓଡ଼ିଆ ଜାତୀୟ ଜୀବନର ଅନେକ ସ୍ମୃତିକୁ ବହନ କରିଥିବା ଏକ ଐତିହାସିକ ଦିନ। ଆଜି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପୂର୍ତ୍ତି ଦିବସ। ବର୍ତ୍ତମାନ ୩୦ଟି ଜିଲ୍ଲାକୁ ନେଇ ଓଡ଼ିଶାର କ୍ଷେତ୍ରଫଳ ୧,୫୫,୭୦୭ ବର୍ଗ କିଲୋମିଟର। ଏହା ସତ୍ତ୍ୱେ ଆଜି ମଧ୍ୟ ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଯଥା ଝାଡ଼ଖଣ୍ଡର ମେଦିନୀପୁର, ଦାନ୍ତୁନ, ସିଂହଭୂମ, ବୀରଭୂମି, ରାଞ୍ଚି, ଷେଢ଼ଇକଳା ଓ ଖରସୁଆଁ ଆଦି ଓ ଛତିଶଗଡ଼ର ସରିଆ, ଚନ୍ଦ୍ରପୁର, ସୁରେଇପାଲି, ବାସନା ଆଦି ବହୁ ନିରୋଳା ଓଡ଼ିଆ ଭାଷାଭାଷୀ ଅଞ୍ଚଳ ବିଚ୍ଛିନ୍ନାଞ୍ଚଳ ହୋଇ ରହିଯାଇଛି। ଏବେ ମଧ୍ୟ ସେସବୁ ଅଞ୍ଚଳରେ ପ୍ରାୟ ୭୦ ଲକ୍ଷ ଲୋକ ଭାଇଚାରା ସହ ସମୟ ଅତିବାହିତ କରୁଥିଲେ ମଧ୍ୟ ଓଡ଼ିଆ ଭାଷା ଓ ସଂସ୍କୃତିକୁ ବଞ୍ଚାଇରଖି ଜଗନ୍ନାଥ ଦାସଙ୍କ ଭାଗବତ ପଢୁଛନ୍ତି, ରଜପର୍ବ ପାଳନ କରୁଛନ୍ତି, କୁମାରୀ ଝିଅମାନେ ଭାଇମାନଙ୍କ ମଙ୍ଗଳ କାମନା କରି ଖୁଦୁରୁକୁଣୀ ଓଷା କରୁଛନ୍ତି, ଘୋଡ଼ାନାଚ, ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟରେ ନିଜକୁ ହଜାଇ ଦେଇ ଓଡ଼ିଆ ଭାଷା ଓ ସଂସ୍କୃତିର ଚିହ୍ନକୁ ଏପର୍ଯ୍ୟନ୍ତ ମଧ୍ୟ ଅକ୍ଷୁର୍ଣ୍ଣ ରଖିଛନ୍ତି। ତଥାପି ଆଜି ଅତୀତ ଉତ୍କଳର ସେ ଗୌରବମୟ ଇତିହାସ କଥା ମନେପଡ଼େ। ୧୧୧୨ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ଏକ ବିଶାଳ ସୁସଂଗଠିତ ହିନ୍ଦୁ ରାଜ୍ୟର ମାନ୍ୟତା ଲାଭ କରି ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ନିଜର ସ୍ୱାଧୀନତା ବଜାୟ ରଖିଥିଲା। ୧୫୬୮ ଖ୍ରୀଷ୍ଟାବ୍ଦରେ ଯାଜପୁର ସନ୍ନିକଟ ଗୋହିରା ଟିକିରୀ ରଣକ୍ଷେତ୍ରରେ ଶେଷ ସ୍ୱାଧୀନ ନରପତି ମୁକୁନ୍ଦଦେବଙ୍କ ପରାଜୟ ଓ ନିଧନ ପରେ ବିଶାଳ ଉତ୍କଳ ସାମ୍ରାଜ୍ୟ କ୍ରମଶଃ ଖଣ୍ଡବିଖଣ୍ଡିତ ହୋଇଗଲା। ପ୍ରଥମେ ଆଫଗାନ ଏବଂ ପରେ ପ୍ରାୟ ୧୭୫ ବର୍ଷ କାଳ ଓଡ଼ିଶା ମୋଗଲଙ୍କ ଶାସନାଧୀନ ହେବାପରେ ମରହଟ୍ଟାମାନେ ୧୭୫୧ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଶାସନ ଭାର ଗ୍ରହଣ କଲେ। ୧୮୦୩ ମସିହାରେ ବ୍ରିଟିଶମାନେ ମରହଟ୍ଟାଙ୍କଠାରୁ ଓଡ଼ିଶାର ଶାସନଭାର ଗ୍ରହଣ କଲେ। ଦୃଷ୍ଟିରୁ କେବଳ ଅବିଭକ୍ତ କଟକ, ପୁରୀ ଓ ବାଲେଶ୍ୱରକୁ ନିଜ ଶାସନାଧୀନରେ ରଖି ଦେଶୀୟ ରାଜ୍ୟମାନଙ୍କ ସହ ସ୍ୱତନ୍ତ୍ର ଚୁକ୍ତି କରିଥିଲେ। ଫଳତଃ ଓଡ଼ିଶାର ବିଭକ୍ତିକରଣ ପୂର୍ଣ୍ଣତା ଲାଭ କରିଥିଲା। ପରବର୍ତ୍ତୀ ସମୟରେ ବ୍ରିଟିଶମାନେ କଳାହାଣ୍ଡି, ପାଟଣା, ସୋନପୁର, ସମ୍ବଲପୁର ଓ ବାମଣ୍ଡା ରାଜ୍ୟ ସମୂହକୁ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ କରିଦେଲେ। ଉପରୋକ୍ତ ବିଭକ୍ତିକରଣ ଦ୍ୱାରା ଓଡ଼ିଆମାନେ ସୁଦୂର କଲକାତା, ମାନ୍ଦ୍ରାଜ ଓ ନାଗପୁର ଠାରୁ ଶାସିତ ବୃହତ୍ ପ୍ରଦେଶଗୁଡ଼ିକରେ ସଂଖ୍ୟାନ୍ୟୁନ ହୋଇଗଲେ। ଆମେ ଭୁଲିଗଲୁ ଆମ ଦାମ୍ଭିକତା ଓ ସ୍ୱାଭିମାନ। ଆଫଗାନ, ମୁସଲମାନ, ମରହଟ୍ଟା ଓ ଇଂରେଜ ଶାସନ ସମୟରେ ଏ ଜାତି କିଳବିଲ ହୋଇଯାଇଛି। ଅନେକ ସ୍ୱପ୍ନ ଓ ପ୍ରତାରଣାକୁ ପଥେୟ କରି ଆମକୁ ଦୀର୍ଘଦିନ ଧରି ଅପେକ୍ଷା କରିବାକୁ ପଡ଼ିଛି। ଓଡ଼ିଶାର ବିଭକ୍ତିକରଣ ଫଳରେ ପ୍ରାଦେଶିକ ସରକାରମାନେ ଓଡ଼ିଆ ଲୋକଙ୍କ ସ୍ୱାର୍ଥରକ୍ଷା ପାଇଁ ଉଦାସୀନ ହେଲେ। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଉନ୍ନବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ଚକ୍ରାନ୍ତକରି ସମୃଦ୍ଧ ଥିବା ଓଡ଼ିଆ ଭାଷାକୁ ସରକାରୀ ଦପ୍ତର, କଚେରି ଓ ବିଦ୍ୟାଳୟମାନଙ୍କୁ ବିଲୋପ କରାଗଲା। ସୁତରାଂ ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଯଥାକ୍ରମେ ହିନ୍ଦୀ, ତେଲଗୁ ଓ ବଙ୍ଗଳା ଭାଷାର ପ୍ରଚଳନ ହେଲା। ପ୍ରଥମେ ମେଦିନୀପୁର ଓ ବାଙ୍କୁଡ଼ା ଅଞ୍ଚଳରୁ ୧୮୫୦ ମସିହାରୁ ୧୮୭୦ ମସିହା ମଧ୍ୟରେ ପ୍ରାୟ ୨୦ ବର୍ଷ ଭିତରେ ଓଡ଼ିଆ ଭାଷାକୁ ସମ୍ପୂର୍ଣ୍ଣ ରୂପେ ବିଲୋପ କରିଦିଆଗଲା। ଏଥିରେ କୃତକାର୍ଯ୍ୟ ହେବାରୁ ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଆ ଭାଷାକୁ ବିଲୋପ କରିବା ନିମନ୍ତେ ବିଧିବଦ୍ଧ ଉଦ୍ୟମ ହେଲା। ଏ ଦିଗରେ ସର୍ବପ୍ରଥମେ ନେତୃତ୍ୱ ନେଲେ ରାଜେନ୍ଦ୍ରଲାଲ ମିତ୍ର। ନିଆଁରେ ଘିଅ ଢ଼ାଳିଲା ଭଳି ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିଲେ କାନ୍ତି ଭଟ୍ଟାଚାର୍ଯ୍ୟ। ସେ କହିଲେ, ଓଡ଼ିଆ ସ୍ୱତନ୍ତ୍ର ଭାଷା ନୟ। ଫକିରମୋହନ ସେନାପତି, ରାଧାନାଥ ରାୟ, ଗୌରୀଶଙ୍କର ରାୟ ପ୍ରମୁଖ ଓଡ଼ିଆ ଭାଷାର ପ୍ରାଚୀନତା ଓ ସ୍ୱତନ୍ତ୍ରତାର ପ୍ରମାଣ ଦେବା ପାଇଁ ପୁରୁଣା ତାଳପତ୍ର ପୋଥି ଉପସ୍ଥାପନ କଲେ। ଠିକ୍ ଏହି ସମୟରେ ବାଲେଶ୍ୱର କଲେକ୍ଟର ତଥା ଭାଷାତତ୍ତ୍ୱବିତ୍ ସାର ଜନ୍ ବିମସ୍ ଗୁରୁଗମ୍ଭୀର କଣ୍ଠରେ ଏକଥା ଘୋଷଣା କଲେ - "Looked at from the purely linguistic side. there is no doubt that Oriya has ample proof of its individuality. at a period, when oriya was already settled and fixed language, Bengali didn't exist at all' କହିବା ବାହୁଲ୍ୟ ଯେ ମହାତ୍ମା ବିମସ୍‌ଙ୍କ ଏହି ମନ୍ତବ୍ୟ ଓଡ଼ିଆ ଭାଷା ବିରୋଧୀ ଆନ୍ଦୋଳନର ଯବନିକା ପକାଇଲା ଏବଂ ଓଡ଼ିଆ ଭାଷା, ଶିକ୍ଷାୟତନ ଓ କଚେରୀରୁ ବିଲୁପ୍ତ ହେଲାନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାର ତତ୍କାଳୀନ କମିଶନର ରେଭେନ୍ସା ସାହେବଙ୍କ ସାହାଯ୍ୟ ଓ ସହାନୁଭୂତି ଯୋଗୁଁ ଓଡ଼ିଆ ଭାଷା ଓ ସାହିତ୍ୟର ନବଉନ୍ମେଷ ଓ ଉତ୍ତରଣ ହେଲାବୋଲି କହିଲେ କିଛି ଭୁଲ ହେବନାହିଁ। ଓଡ଼ିଶା ଡିଭିଜନରେ ଜନ୍ ବିମ୍‌ସ ଓ କମିଶନର ରେଭେନ୍ସା ସାହେବଙ୍କ ପରି ମାନ୍ଦ୍ରାଜ ସରକାଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଟି.କେ. ମଲଟବି ଜଣେ ଭାଷାତତ୍ତ୍ୱବିତ୍ ଥିଲେ। ସେ ୧୮୭୩ ମସିହାରେ ଏ ପ୍ରାଟିକାଲ ହ୍ୟାଣ୍ଡ ବୁକ୍ ଅଫ୍ ଦି ଓଡ଼ିଆ ଲାଙ୍ଗୁଏଜେ ନାମକ ଏକ ପୁସ୍ତକ ରଚନା କରି ସେଥିରେ ଓଡ଼ିଆ ଭାଷାର ମହତ୍ତ୍ୱ ଓ ପ୍ରାଚୀନତା ବିଷୟରେ ଅବତାରଣା କରିଥିଲେ। ସେ ମାନ୍ଦ୍ରାଜ, ବଙ୍ଗଳା, ମଧ୍ୟପ୍ରଦେଶ ଓ ଦେଶୀୟ ରାଜ୍ୟଗୁଡ଼ିକରେ ବାସ କରୁଥିବା ପ୍ରାୟ ୯୦ ଲକ୍ଷ ଓଡ଼ିଆଙ୍କୁ ଏକ ଶାସନାଧୀନ କରିବା ପାଇଁ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ସେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ବଡ଼ଲାଟ ଲର୍ଡ଼ କର୍ଜନ, ଓଡ଼ିଶା କମିଶନର ମିଃ. କୋକ୍, ଚିଫ୍ କମିଶନର ଏଣ୍ଡ୍ରୁ ଫ୍ରେଜର, ଭାରତ ସଚିବ ସାର୍ ଷ୍ଟାଫୋର୍ଡ଼, ନର୍ଥକୋଟ ଏବଂ ଆକାଉଣ୍ଟାଣ୍ଟ ଜେନେରାଲ ମେଜର୍ ଚେନ୍‌ସିଙ୍କ ଅବଦାନରୁ ମଧ୍ୟ ଭୁଲି ହେବନାହିଁ। ଭାଷା ଆନ୍ଦୋଳନରୁ ଓଡ଼ିଆ ଜାତୀୟତାର ଜନ୍ମ। ଏହିଠାରୁ ହିଁ ଜନ୍ମ ନେଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ବିଧିବଦ୍ଧ ଉଦ୍ୟମ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସବୁଶ୍ରେଣୀର ବ୍ୟକ୍ତି ଏବଂ ବିଭିନ୍ନ ପ୍ରଦଶେରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଲୋକମାନଙ୍କ ଦୀର୍ଘଦିନର ତପସ୍ୟା ଓ ସଂଗ୍ରାମର ଫଳ। ଏଥିରେ ବିଦ୍ୟମାନ ବିଭିନ୍ନ ସଂଗଠନ, ପତ୍ରପତ୍ରିକା, ବୁଦ୍ଧିଜୀବୀ, ସାହିତ୍ୟ ସାଧକ, ଜନନେତା, ରାଜା ଓ ଜମିଦାରଙ୍କ ଠାରୁ ଆରମ୍ଭ କରି ସାଧାରଣ ପ୍ରଜା ଓ ଉତ୍କଳ ହିତୈଷୀ, ଇଂରେଜ ପ୍ରଶାସକ ଏବଂ ବିଭିନ୍ନ ଅଣଓଡ଼ିଆ ବ୍ୟକ୍ତିବିଶେଷଙ୍କ ମହତ୍ତ୍ୱପୂର୍ଣ୍ଣ ଅବଦାନ। ମଧୁସୂଦନ ଦାସ ଓଡ଼ିଆ ଜାତୀୟତାର ଜନକ। ସେ ମୁମୂର୍ଷୁ ଓଡ଼ିଆ ପ୍ରାଣରେ ଭରିଦେଇଗଲେ ଜାତିପ୍ରେମ ବହ୍ନି। ଆଜି ଉତ୍କଳ ଦିବସ ପାଳନ ଅବସରରେ ସେହି ମହାପୁରୁଷଙ୍କ ସ୍ମୃତିଚାରଣ କରିବା ଓ ଆମ ଭାଷାକୁ ନେଇ ସ୍ୱାଭିମାନୀ ହେବାକୁ ପଡ଼ିବ। ସ୍ୱାଭିମାନୀ ଓଡ଼ିଆଙ୍କ ପାଇଁ ଭାଷା ଏକ ଆତ୍ମପରିଚୟ। ବିଦେଶୀମାନେ ଏ ରାଜ୍ୟକୁ ଓ ଭାଷାକୁ ଚିହ୍ନି ନଥିଲେ। ଏବେ ସୁଦ୍ଧା ଶାସ୍ତ୍ରୀୟମାନ୍ୟତା ଲାଭ କରିଥିବା ଭାଷା ମଧ୍ୟରେ ସଂସ୍କୃତକୁ ଛାଡ଼ି ଅନ୍ୟ ଚାରୋଟି ଭାଷା ହେଉଛି ଦ୍ରାବିଡ଼ ପରିବାରର ଭାଷା। ଭାରତବର୍ଷରେ ମୁଖ୍ୟତଃ ତିନୋଟି ବଡ଼ ଭାଷା ପରିବାର ଅଛି। ଗୋଟିଏ ସଂସ୍କୃତ ଭାଷା ପରିବାର, ଗୋଟିଏ ଦ୍ରାବିଡ଼ ଭାଷା ପରିବାର ଓ ଅନ୍ୟଟି ଅଷ୍ଟ୍ରିକ ଭାଷା ପରିବାର। ପ୍ରଥମ ଭାଷା ପରିବାରର ଭାଷା ଭାବେ ଓଡ଼ିଆ ପରିଚିତ। ଆମ ପୂର୍ବସୂରୀଙ୍କ କଥା ଓ ଗାଥା ଯେତେ ବଖାଣିଲେ ମଧ୍ୟ ଅସରା ଲାଗେ। ସେମାନେ ଥିଲେ ବୀର, ଯୋଦ୍ଧା ଓ ସାହସୀ, ଯାହା କଳିଙ୍ଗ ଯୁଦ୍ଧ ଓ ପାଇକ ବିଦ୍ରୋହରୁ ଇତିହାସ ପ୍ରମାଣ କରେ। ରାଜାରାଜୁଡ଼ା ଶାସନ କାଳେ ବହୁ ବ୍ୟକ୍ତିଙ୍କ ପାଣ୍ଡିତ୍ୟ ଓଡ଼ିଆ ଜାତିକୁ ସ୍ୱତନ୍ତ୍ର ପରିଚୟ ଦେବା ସଙ୍ଗେ ସଙ୍ଗେ ଆମ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ଯଦି ସାରଳା ଦାସ, ଫକିରମୋହନ ସେନାପତି, ମଧୁସୂଦନ ଦାସ ଓ ଗୋପବନ୍ଧୁ ଦାସଙ୍କ ପରି ବ୍ୟକ୍ତିତ୍ୱ ନଥାନ୍ତେ, ତାହେଲେ ଓଡ଼ିଆଙ୍କ ପରିଚୟ ଆଜି କ'ଣ ହୋଇଥାନ୍ତା, ତାହା ସହଜରେ ଅନୁମେୟ। ଆଜି ଉତ୍କଳ ଦିବସ ପରିପ୍ରେକ୍ଷୀରେ ଏହା ସାରା ଓଡ଼ିଶାବାସୀଙ୍କ ଚିନ୍ତନ ହେବା ବିଧେୟ।



ଅଲେଖ ଚନ୍ଦ୍ର ସାମଲ

ପୂର୍ବତନ ଡିଏଫଓ, ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ଦୂରଭାଷ : ୯୪୩୭୨୫୭୧୨୩

# ଓଡ଼ିଶା ଦିବସ ଓ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା

ଆଜି ହେଉଛି ଓଡ଼ିଶା ଦିବସ। ଅନେକ ଆମର ଏହି କଥାକୁ ବିରୋଧ କରିପାରନ୍ତି। କହିପାରନ୍ତି, ଏହା ଓଡ଼ିଶା ଦିବସ ନୁହେଁ, ଉତ୍କଳ ଦିବସ। ଏହା ତର୍କସାପେକ୍ଷ। ସ୍ୱାଧୀନତାର ବାର ବର୍ଷ ପୂର୍ବରୁ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରାଯାଇଥିଲା। କିନ୍ତୁ ଉତ୍କଳ ଅପେକ୍ଷା ଓଡ଼ିଶାର ବ୍ୟବହାର ଦୀର୍ଘ ଆଠ ଦଶନ୍ଧି ଧରି ଏତେ ବହୁଳ ଭାବେ ରାଜ୍ୟବ୍ୟାପୀ ଗାଦିନସୀନ ହୋଇ ଆସିଥିବା ପରାଧିନ ଓ ସ୍ୱାଧିନ ଦେଶର ସରକାର କରିଛନ୍ତି ଯେ ସଂପ୍ରତି ଉତ୍କଳ ଦିବସ ପରିବର୍ତ୍ତେ ଏପ୍ରିଲ ପହିଲାରେ ଓଡ଼ିଶା ଦିବସ ପାଳନ କରାଯାଉଛି ବୋଲି କହିବା ଅଧିକ ବିଧେୟ ହେବ। ସମ୍ବିଧାନରେ ଆମ ରାଜ୍ୟର ନାମ ଉତ୍କଳ ବୋଲି କେଉଁଠି ଉଲ୍ଲେଖ କରାଯାଇ ନାହିଁ। ବରଂ ସର୍ବତ୍ର ଆମ ରାଜ୍ୟ ଓଡ଼ିଶା ଏବଂ ଆମ ଭାଷା ଉଡିୟା ବୋଲି ଉଲ୍ଲେଖ କରାଯାଇଥିଲା ଯାହା ଭାଷା ଦୃଷ୍ଟିକୋଣରୁ ଭ୍ରମାତ୍ମକ ଥିବାରୁ ନିକଟଅତୀତରେ ସମ୍ବିଧାନ ସଂଶୋଧନ କରି ଏହି ଦୁଇ ଶବ୍ଦକୁ ବ୍ୟାକରଣଗତ ଦୃଷ୍ଟିକୋଣରୁ ଇଂରାଜୀ ଓ ହିନ୍ଦୀ ତଥା ଓଡ଼ିଆ ଭାଷାରେ ଠିକ୍ କରାଯାଇଛି। ସମ୍ବିଧାନ ସଂଶୋଧନ ପରେ ଓଡ଼ିଆ ଭାଷା ବିଳମ୍ବରେ ହେଉପଛେ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଥିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ୧୯୩୬ ଏପ୍ରିଲ ୧ ତାରିଖ ଦିନ ଭାଷାଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଲା। ଅନେକଙ୍କ ଧାରଣା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କରେ ସର୍ବପ୍ରଥମେ ଉତ୍କଳ ଗୌରବ ମଧୁସୂଦନ ଦାସ ଚିନ୍ତା କରିଥିଲେ। ବାସ୍ତବ କଥା ହେଉଛି ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ସଂପର୍କରେ ପ୍ରଥମେ ଦାବି ଉପସ୍ଥାପନ କରିଥିଲେ। ୧୯୨୭ ଫେବୃୟାରୀ ୮ ତାରିଖ ଦିନ ପଣ୍ଡିତ ନୀଳକଣ୍ଠ ପ୍ରସ୍ତାବ ଆକାରରେ ଏହି ଦାବି ପେସ୍ କରିଥିଲେ। ଅନେକ ଦିନ ନିଜ ପ୍ରସ୍ତାବ ଉପରେ ଅନୁଧ୍ୟାନ କରିବା ସହିତ ସେ ତତ୍କାଳୀନ ବ୍ୟବସ୍ଥାସଭା ଏବଂ ବିଭିନ୍ନ ଫୋରମ୍‌ରେ ସ୍ୱଭାବ ସୁଲଭ ଢ଼ଙ୍ଗରେ ଅକାଟ୍ୟ ଯୁକ୍ତି ଉପସ୍ଥାପନ କଲେ। ପରବର୍ଷ ୭ଜଣ ବ୍ରିଟିଶ ସାଂସଦକୁ ନେଇ ଗଠିତ ଭାରତୀୟ ସାମ୍ବିଧାନିକ ଆୟୋଗ ଭାରତ ଗସ୍ତରେ ଆସିଥିଲେ। ଏହି ଆୟୋଗର ଅଧ୍ୟକ୍ଷ ଥିଲେ ସାର୍ ଜନ୍ ସାଇମନ୍। ତାଙ୍କ ନାମାନୁସାରେ ଏହାକୁ ସାଇମନ କମିଶନ କୁହାଯାଏ। ସାଇମନ କମିଶନରେ ବ୍ରିଟେନର ଭାବି ପ୍ରଧାନମନ୍ତ୍ରୀ କ୍ଲିନେଟ୍ ଅଟ୍ଟଲୀ ମଧ୍ୟ ସଦସ୍ୟ ଥିଲେ। ଭାରତରେ ଶାସନ ସଂସ୍କାର ଅନୁଧ୍ୟାନ କରିବା ପାଇଁ ୧୯୨୭ ନଭେମ୍ବରରେ ବ୍ରିଟିଶ ସରକାର ସାଇମନ କମିଶନ ଗଠନ କରିଥିଲେ। ୧୯୨୮ ଫେବୃଆରୀ ୩ରେ କମିଶନ ବମ୍ବେରେ ପହଞ୍ଚିବା କ୍ଷଣି ଆରମ୍ଭ ହୋଇଥିଲା ବିକ୍ଷୋଭ। ଅବିଳମ୍ବେ ସାରା ଦେଶରେ ହରତାଳ ପାଳିତ ହେଲା। ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଲା। ସାରା ଦେଶ ସାଇମନ କମିଶନକୁ ବିରୋଧ କରୁଥିବା ବେଳେ ମଧୁସୂଦନ ଦାସଙ୍କ ନିର୍ଦ୍ଦେଶକ କ୍ରମେ ଅଳ୍ପ କେତେକ ଓଡ଼ିଆ ପାଟନା ରେଳ ଷ୍ଟେସନରେ ସାଇମନ କମିଶନକୁ ସ୍ୱାଗତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ସ୍ମାରକ ପତ୍ର ଦେଇଥିଲେ। କମିଶନ ବ୍ରିଟେନ ଫେରିଯିବା ପରେ ୧୯୨୯ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରସ୍ତାବ ଭାରତ ସରକାରଙ୍କ କ୍ୟାବିନେଟରେ ଆଲୋଚନା ପାଇଁ ଗୃହୀତ ହେଲା। ୧୯୩୧ରେ ଗଢାଗଲା ଓଡ଼ନେଲ କମିଟି। କମିଟିଙ୍କ ସମକ୍ଷରେ ପଣ୍ଡିତ ନୀଳକଣ୍ଠ ଗୋଟିଏ ଦୀର୍ଘ ସ୍ମାରକ ପତ୍ର ଉପସ୍ଥାପନ କରିଥିଲେ। ସେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ବିରୋଧ କରିଥିଲେ କଂଗ୍ରେସ ନେତା ଡକ୍ଟର ରାଜେନ୍ଦ୍ର ପ୍ରସାଦ ଯେ ଦେଶ ସ୍ୱାଧୀନ ହେବା ପରେ ରାଷ୍ଟ୍ରପତି ହୋଇଥିଲେ। ଓଡ଼ନେଲ କମିଟିଙ୍କ ରିପୋର୍ଟ ଭିତ୍ତିରେ, ପୁରୀ, କଟକ, ଗଞ୍ଜାମ, ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟ ଏହି ୬ଟି ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ହେବ ବୋଲି ତତ୍କାଳୀନ ଇଂରେଜ ସରକାର ନିଷ୍ପତ୍ତି ନେଲେ। ବରଂ ସେହି ନିଷ୍ପତ୍ତି ୧୯୩୬ ଏପ୍ରିଲ ୧ରେ କାର୍ଯ୍ୟକାରୀ ହେଲା। ରାଜ୍ୟର ପ୍ରଥମ ରାଜ୍ୟପାଳ ରୂପେ ଶପଥ ନେଲେ ସାର୍ ଅଷ୍ଟିନ୍ ହବାକ୍। ଫଳତଃ ଓଡ଼ିଶାର ସ୍କୁଲମାନଙ୍କରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଲେ। ଶାସନ କ୍ଷେତ୍ରରେ ମଧ୍ୟ ଶିକ୍ଷିତ ଓଡ଼ିଆମାନଙ୍କୁ ନିଯୁକ୍ତି ମିଳିଲା। ବର୍ତ୍ତମାନର ଓଡ଼ିଆମାନେ ହୁଏତ ବିଶ୍ୱାସ କରିବେ ନାହିଁ ଯେ ୧୯୨୦ ମସିହା ପର୍ଯ୍ୟନ୍ତ ଓଡ଼ିଶାର ହାଇସ୍କୁଲ ଗୁଡ଼ିକରେ ମୁଖ୍ୟତଃ ବଙ୍ଗୀୟ ଶିକ୍ଷକଙ୍କୁ ନିଯୁକ୍ତି ମିଳୁଥିଲା। କୋର୍ଟ କଚେରୀଗୁଡ଼ିକରେ ଓକିଲାମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ବଙ୍ଗାଳୀ। ସେତେବେଳେ ଓଡ଼ିଆମାନଙ୍କ ବିରୋଧରେ ଯେଉଁ ଚକ୍ରାନ୍ତ ଚାଲିଥିଲା ଡାକ୍ତର ରାଜେନ୍ଦ୍ର ପ୍ରସାଦ ଥିଲେ ତାହାର ପୁରୋଭାଗରେ। ହିନ୍ଦୀ ଭାଷୀମାନେ ସମ୍ବଲପୁରରେ ହିନ୍ଦୀ ଏବଂ ବଙ୍ଗୀୟମାନେ ଓଡ଼ିଶାର ଅବଶିଷ୍ଟ ଇଲାକାରେ ବଙ୍ଗଳା ପ୍ରଚଳନ ପାଇଁ ଷଡ଼ଯନ୍ତ୍ର କରିଥିଲେ। ଏମାନଙ୍କ ଚକ୍ରାନ୍ତକୁ ପଣ୍ଡ କରିଥିବା ପ୍ରାତଃ ସ୍ମରଣୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ନୀଳକଣ୍ଠ ଦାସ, ମଧୁସୂଦନ ଦାସ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ଗଙ୍ଗାଧର ମେହେର, କୃଷ୍ଣଚନ୍ଦ୍ର ଗଜପତି, ବାସୁଦେବ ସୁଢ଼ଳ ଦେବ ପ୍ରମୁଖ ଅନ୍ୟତମ। ଏମାନେ ପ୍ରଗାଢ଼ ଉଦ୍ୟମ ଜାରି ରଖି ନଥିଲେ ହୁଏତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବିଳମ୍ବିତ ହୋଇଥାନ୍ତା।



ଡ଼ଃ.ଅରୁନ୍ଧତୀ ଦେବୀ

*ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*




# ରାଜ ଭବନରେ ରାଜସ୍ଥାନ ପ୍ରତିଷ୍ଠା ଦିବସ, ଉଗାଡି ଏବଂ ଗୁଡି ପଡ଼ୱା ପର୍ବ ପାଳିତ

ଭୁବନେଶ୍ୱର, (ପି.ଏନ): ଏକ ଉତ୍ସବ ମୁଖରିତ ପରିବେଶରେ ଆଜି ରାଜଭବନରେ ରାଜସ୍ଥାନ ରାଜ୍ୟର ପ୍ରତିଷ୍ଠା ଦିବସ, ଉଗାଡି ଏବଂ ଗୁଡି ପଡ଼ୱା ପର୍ବ ପାଳିତ ହୋଇଯାଇଛି। ଏହି ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ସୁଖ ସମୃଦ୍ଧି କାମନା କରିଛନ୍ତି। ରାଜଭବନର ପାର୍ଟି ଲନ୍‌ରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ରାଜ ଭବନରେ ରାଜସ୍ଥାନ ପ୍ରତିଷ୍ଠା ଦିବସ, ଉଗାଡି ଏବଂ ଗୁଡି ପଡ଼ୱା ପର୍ବ ପାଳନ କରିବା ଏକ ମହାନ ଆନନ୍ଦର ଅବସର। ଇତିହାସ ଓ ପରଂପରାରେ ଗଭୀରଭାବେ ନିହିତ ଏହି ଅବସରଗୁଡ଼ିକ ଆମ ଜାତିର ସାଂସ୍କୃତିକ ବିଶେଷତ୍ୱକୁ ପ୍ରତିଫଳିତ କରୁଛି। 'ବିବିଧତା ମଧ୍ୟରେ ଏକତା' ଏବଂ 'ଏକ ଭାରତ – ଶ୍ରେଷ୍ଠ ଭାରତ' ଭାବନାକୁ ଏହା ଅଧିକ ଋଦ୍ଧିମନ୍ତ କରୁଛି। ଆଜି ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ର ଆଦି ରାଜ୍ୟର ନୂତନ ବର୍ଷର ଆରମ୍ଭକୁ ଉଗାଡି ଏବଂ ଗୁଡି ପଡ଼ୱା ଭାବେ ପାଳନ କରାଯାଉଛି। ଏହା କୃତଜ୍ଞତାର ସହିତ ନୂତନ ଆରମ୍ଭକୁ ଗ୍ରହଣ କରିବା ଏବଂ ସାଂସ୍କୃତିକ ମୂଲ୍ୟବୋଧକୁ ପୁନଃଜାଗରଣ କରିବାର ସମୟ। ଏହା ଆମକୁ ଆନନ୍ଦ ଓ ଆହ୍ୱାନକୁ ଗ୍ରହଣ କରିବାକୁ ଶିଖାଏ ବୋଲି ରାଜ୍ୟପାଳ କହିଥିଲେ। ସେହିପରି ମହାରାଷ୍ଟ୍ର ଓ କର୍ଣ୍ଣାଟକର କେତେକାଂଶରେ ବ୍ୟାପକ ଭାବରେ ପାଳିତ ହେଉଥିବା ଗୁଡି ପଡ଼ୱା ସମୃଦ୍ଧି ଏବଂ ସୌଭାଗ୍ୟର ବା ା ଦିଏ, ଲୋକମାନଙ୍କୁ ନୂତନ ସଂକଳ୍ପ ସହିତ ନୂତନ ବର୍ଷରେ ପାଦ ଦେବା ପାଇଁ ପ୍ରେରଣା ଦିଏ ବୋଲି କହିଥିଲେ। ରାଜ୍ୟପାଳ ପୁଣି କହିଥିଲେ ଯେ ଭାରତ ପର୍ବ ପର୍ବାଣୀର ଦେଶ ଏବଂ ପ୍ରତ୍ୟେକ ପର୍ବପର୍ବାଣୀ ଏକତାର ଆତ୍ମା ବହନ କରେ। ଆମେ ଯେଉଁଠାରୁ ଆସିଥିଲେ ମଧ୍ୟ ଆମେ ସମସ୍ତେ ଗୋଟିଏ ମହାନ ରାଷ୍ଟ୍ରର ଅଂଶ ବୋଲି ଏହା ମନେ ପକାଇ ଦିଏ। ଆମର ପରଂପରା ଭିନ୍ନ ଭିନ୍ନ ହୋଇପାରେ, କିନ୍ତୁ ଆମର ଆକାଂକ୍ଷା ସମାନ – ସମସ୍ତଙ୍କ ପାଇଁ ଶାନ୍ତି, ପ୍ରଗତି ଓ ସମୃଦ୍ଧି। ଏତଦ୍‌ବ୍ୟତୀତ ରାଜସ୍ଥାନର ପ୍ରତିଷ୍ଠା ଦିବସ ପ୍ରସଙ୍ଗରେ ରାଜ୍ୟପାଳ କହିଥିଲେ ଯେ, ଇତିହାସକୁ ଗଢ଼ି ତୋଳିଥିବା ସାହାସୀ ରାଜପୁତ ଯୋଦ୍ଧାଙ୍କଠାରୁ ଆରମ୍ଭ କରି ଏହାର ଦୁର୍ଗ ଏବଂ ପ୍ରାସାଦର ମହିମା ପର୍ଯ୍ୟ' ତଥା ଭାରତର ଐତିହ୍ୟ ପ୍ରତି ରାଜସ୍ଥାନର ଅବଦାନ ଅପାର। ବୀରତ୍ୱ, ସମୃଦ୍ଧ କଳା ପରଂପରା ଏବଂ ମହିମା ପାଇଁ ଜଣାଶୁଣା ରାଜସ୍ଥାନ ଭାରତର ସାଂସ୍କୃତିକ ଏବଂ ଅର୍ଥନୈତିକ ଦୃଶ୍ୟପଟରେ ଉଲ୍ଲେଖନୀୟ ଅବଦାନ ଦେଇଛି। ରାଜସ୍ଥାନ ଏବଂ ଓଡ଼ିଶା ମଧ୍ୟରେ ଅନେକ ସାମସ୍ୟ ରହିଛି। ଉଭୟ ରାଜ୍ୟ ସେମାନଙ୍କର ସମୃଦ୍ଧ ଇତିହାସ, ସ୍ଥାପତ୍ୟ, ଆଧ୍ୟାତ୍ମିକ ପରଂପରା, ଲୋକ ସଂସ୍କୃତି ପାଇଁ ଅନନ୍ୟ। ଖାଟୁ ର ଶ୍ୟାମବାବାଙ୍କ ପ୍ରତି ରାଜସ୍ଥାନର ଭକ୍ତି ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଓଡ଼ିଶାର ଅଟଳ ବିଶ୍ୱାସରେ ପ୍ରତିଫଳିତ ହୁଏ। ଏହା ଉଭୟ ରାଜ୍ୟର ଆଧ୍ୟାତ୍ମିକ ସମୃଦ୍ଧିକୁ ଉଜ୍ଜଳ କରୁଛି ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶା ସର୍ବଦା ସାରା ଦେଶରୁ ଲୋକଙ୍କୁ ସମ୍ମାନ ଓ ଶ୍ରଦ୍ଧାର ସହିତ ସ୍ୱାଗତ କରୁଛି। ରାଜସ୍ଥାନର ଅନେକ ମୂଳ ବାସିନ୍ଦା ଓଡ଼ିଶାକୁ ନିଜର ଘର କରିଛନ୍ତି ଏବଂ ବାଣିଜ୍ୟ, ଶିଳ୍ପ, ବ୍ୟବସାୟ, ଶିକ୍ଷା, ସମାଜସେବା ଆଦି କ୍ଷେତ୍ରରେ ନିୟୋଜିତ ହୋଇ ରାଜ୍ୟର ଅଭିବୃଦ୍ଧି ଓ ବିକାଶରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ। ରାଜ୍ୟର ମାନ୍ୟବର ଫାଷ୍ଟ୍ ଲେଡି ଶ୍ରୀମତୀ ଜୟଶ୍ରୀ କମ୍ଭମ୍ପାଟି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ସମାରୋହରେ ଓଡ଼ିଶାର ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ରାଜ୍ୟପାଳଙ୍କ ଏ.ଡି.ସି. କୁଳଦୀପ ମୀନା ମଧ୍ୟ କାର୍ଯ୍ୟକ୍ରମ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁ ବିହାରୀ ଧଳ, ପୋଲିସ୍ ଡିଜି ୱାଇ.ବି. ଖୁରାନିଆଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ମଧ୍ୟ ଉକ୍ତ ସମାରୋହରେ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଲୋକ କଳା / ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା ଏବଂ ବିଭିନ୍ନ ରାଜ୍ୟର ବ୍ୟକ୍ତି / ଛାତ୍ରଛାତ୍ରୀ ଓଡ଼ିଶା ଏବଂ ନିଜ ନିଜ ରାଜ୍ୟ ସଂପର୍କରେ ଅଭିଜ୍ଞତା ଓ ଉପଲବ୍ଧି ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତ୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି। ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନକ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# ହିନ୍ଦୁ ଏକତା ମଞ୍ଚ ଭାରତ ସଂଗଠନ ପକ୍ଷରୁ ସଚେତନତା ପଦ ଯାତ୍ରା ଆୟୋଜିତ



ଭୁବନେଶ୍ୱର,(ପି.ଏନ): ରାଷ୍ଟ୍ରୀୟ ନବ ବର୍ଷ ଉପଲକ୍ଷେ ହିନ୍ଦୁ ଏକତା ମଞ୍ଚ ଭାରତ ସଂଗଠନ ଆନୁକୂଲ୍ୟରେ ଏକ ସଚେତନତା ପଦ ଯାତ୍ରା ନୂଆବଜାର ବ୍ଲକ ଛକରୁ ରାଜ୍ୟ ସଭାପତି ଶ୍ରୀ ପ୍ରଦୀପ୍ତ କୁମାର ଜେନା ଙ୍କ ନେତୃତ୍ୱରେ ବାହାରି କଲେଜ ଛକ ସୁବାସ ବୋଷ ଷ୍ଟାଚୁ ପର୍ଯ୍ୟନ୍ତ ଯାଇଥିଲା ଓ ରାସ୍ତରେ ଯିବା ସମୟରେ ହିନ୍ଦୁ ନବ ବର୍ଷ ର ମହାତ୍ମ୍ୟ ମେଗା ଫୋନ ଜରିଆରେ ଲୋକ ମାନଙ୍କୁ ସଚେତନ କରାଯାଇଥିଲା ଏହି ପଦ ଯାତ୍ରା ରେ କଟକ ଜିଲ୍ଲା ସଭାପତି ସୁଶାନ୍ତ କୁମାର ପାତ୍ର ପଦ ଯାତ୍ରା କମିଟିର ଆବାହକ ରାଜେନ୍ଦ୍ରପ୍ରସାଦ ମହାପାତ୍ର ମହାପାତ୍ର, ସଂଗଠନ ର ମୁଖ୍ୟ ଉପଦେଷ୍ଟା ଡକ୍ଟର ପଦ୍ମଲୋଚନ ନାୟକ, ଆଡ଼ଭୋକେଟ ଗୟାଧର ସାମଲ,ଜୟନ୍ତ ଦାସ ଧୀରେନ୍ଦ୍ର ନାୟକ ଡକ୍ଟରପ୍ରଭାତ ସାହୁ, ମୃତ୍ୟୁଞ୍ଜୟ ପାତ୍ର କୈଳାଶ ଚ଼ନ୍ଦ୍ର ବସ୍ତିଆ ସନ୍ତୋଷ ସାହୁ ତେଜ଼ପାଳ ଧେନୁକା ସତ୍ୟବ୍ରତ ପାଢ଼ୀ ହୃଷିକେଶ ନନ୍ଦ,ପ୍ରଦୀପ୍ତ ଆଚ଼ାର୍ଯ୍ୟ ରୋଜାଲିନି ବସ୍ତିଆ, ମଧୁସ୍ମିତା ପଟ୍ଟନାୟକ, ଅଶୋକ ବାରିକ, ପ୍ରଶାନ୍ତ ସାହୁ, ବଳରାମ ଖଟୁଆ ରବିନାରାୟଣ ଦାଶ ଅନିଲ ପାତ୍ର ଶ୍ରୀକାନ୍ତ ଷଡ଼ଙ୍ଗୀ ଅଗଣି ନାୟକ ଗଗନ ନନ୍ଦ କାମଦେବ ପାତ୍ର ପୃଥ୍ୱୀରାଜ ରାଉତ,କୈଳାଶ ଚ଼ନ୍ଦ୍ର ଜେନା, ସମ୍ପାଦକ ପୃଷ୍ଠଭୂମି ନୃସିଂହ ଚ଼ରଣ ସାମଲ ମନୋରଞ୍ଜନ ମହାନ୍ତି ଶରତ ମହାନ୍ତି ସମେତ, ୧୦୦ ରୁ ଅଧିକ ସଦସ୍ୟ ଓ ସଦସ୍ୟା ଚ଼ାଲି ଚ଼ାଲି କଲେଜ ଛକ ପର୍ଯ୍ୟନ୍ତ ଯାଇଥିଲେ ଓ ସେଠାରେ କିଛି ସମୟ ନୂଆବର୍ଷ ର ମହାତ୍ମ୍ୟ ଲୋକ ମାନଙ୍କୁ ବୁଝାଇଥିଲେ।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତ୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଲବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତ୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି। ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା। ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ। ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ। ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି। ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି। ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି। ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି।

# କ୍ରସରରେ ଚାପିହୋଇ ଜଣେ ଶ୍ରମିକ ମୃତ, ଅନ୍ୟ ଜଣେ ଗୁରୁତର

ଧର୍ମଶାଳା,(ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅ'ର୍ଗତ ରହାଡପୁରସ୍ଥିତ ଏକ କ୍ରଶର୍ ରେ କାମ କରୁଥିବା ବେଳେ ଅଘଟଣ ଘଟି ଜଣେ ଶ୍ରମିକ ଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତ ଶ୍ରମିକ ଜଣକ ପଶ୍ଚିମବଙ୍ଗ ବାଙ୍କୁଡା ଜିଲ୍ଲା ଖଜୁରିଆ ଗ୍ରମର ଶ୍ୟାମଚରଣ ହଂସଦା (୪୫) ଓ ଆହତ ଜଣକ ସେହି ଗ୍ରାମର ଅନିଲ ସୋରେନ (୩୨) ବୋଲି ଜଣାପଡିଛି ସୂଚନା ମୁତାବକ ରହାଡପୁର ରେ ଥିବା ଶିବଶକ୍ତି ମେଗା କ୍ରାସର ରେ ଆଜି ସକାଳୁ ଶ୍ରମିକମାନେ କାମ କରୁଥିବା ବେଳେ ଅସାବଧାନତା ବସତ କ୍ରଶର ଚକରେ ଚାପି ହୋଇ ଜଣକର ମୃତ୍ୟୁ ଘଟିଥିବା ବେଳେ ଆନ୍ୟ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାରେ ଆହତ ଶ୍ରମିକଙ୍କୁ ସ୍ଥାନୀୟ ଶ୍ରମିକମାନେ ଉଦ୍ଧାର କରି ବଡଚଣା ଡାକ୍ତରଖାନାରେ ଭର୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଶ୍ରମିକର ମୃତଦେହକୁ କ୍ରଶର ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ ଏକ ମହେନ୍ଦ୍ର ପିକଅପଭ୍ୟାନରେ ଉଠିକରି ମୃତକର ଶବ କୁ ଅନ୍ୟତ୍ର ନେଇଯାଉଥିବା ବେଳେ ଶବକୁ ଗାଏବ୍ କରିବା ଅଭିଯୋଗ କରି ସ୍ଥାନୀୟ ଲୋକେ ସମ୍ପାରୁ ଛକରେ ମୃତ ଦେହକୁ ଅଟକ ରଖି ରାସ୍ତା ରୋକ କରିଥିଲେ। ଫଳରେ ସେଠାରେ କିଛି ସମୟ ପାଇଁ ଚାପା ଉତେଜନା ପ୍ରକାଶ ପାଇଥିଲା। ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ ଏସଡିଓ ସୟ କୁମାର ପଟ୍ଟନାୟକ, ବଡ଼ଚଣା ଥାନା ଅଧିକାରୀ ଶରତ କୁମାର ପାତ୍ର, ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ, ଜେନାପୁର ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁଙ୍କ ସମେତ ଥାନା କର୍ମଚାରୀମାନେ ସେଠାରେ ଉପସ୍ଥିତ ରହି ଲୋକଙ୍କୁ ବୁଝାଶୁଝା କରିଥିଲେ। ମୃତକର ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ସହ ବେଆଇନ କ୍ରଶର ଗୁଡିକୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଗ୍ରାମବାସିମାନେ ଲିଖିତ ଆକାରରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ତେବେ ମୃତକର ପରିବରକୁ କ୍ଷତିପୂରଣ ପ୍ରଦାନ ସହିତ ବେଆଇନ କ୍ରଶର ଗୁଡିକ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ତହସିଲଦାରଙ୍କୁ ଅବଗତ କରାଯିବା ନେଇ ପୁଲିସ ପକ୍ଷରୁ ପ୍ରତିସ୍ରୁତି ମିଳିବା ପରେ ଲୋକେ ଶବକୁ ଛାଡିବା ସହିତ ରାସ୍ତାରୋକରୁ ହଟିଥିଲେ। ଏନେଇ ଜେନାପୁର ପୁଲିସ ଏକ କେଶ ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦଲାଗି ପଠାଇବା ସହ ତଦନ୍ତ ଚଳାଇଛି।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲାପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିପଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଝକ୍ତଙ୍କକ୍ଟଷ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚତୁର୍ପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ
ଜରିଆରେ ବଜାରକୁ ଅଧିକ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା। ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ ୍ତା ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି। ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ



କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେ ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି। ଏସିଏଫ୍ ଅଜୟ କୁମାର ସାହୁଙ୍କ ତ ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ। ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି।




## ସଶକ୍ତ ନାରୀ, ବିକଶିତ ଓଡ଼ିଶା

- **'ସୁଭଦ୍ରା'**ରେ ବର୍ତ୍ତମାନ ସୁଦ୍ଧା ୧ କୋଟିରୁ ଅଧିକ ଯୋଗ୍ୟ ମହିଳା ସାମିଲ୍; ଦୁଇଟି କିସ୍ତିରେ ବିତରଣ କରାଯାଇଛି ୯,୯୭୦ କୋଟିରୁ ଅଧିକ ଟଙ୍କା
- **'ଲକ୍ଷପତି ଦିଦି'** ପରିକଳ୍ପନାରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ; ଓଡ଼ିଶାର ୧୧.୫ ଲକ୍ଷରୁ ଅଧିକ ମହିଳା ଏବେ ବାର୍ଷିକ ୧ ଲକ୍ଷ କିମ୍ବା ତାହାଠାରୁ ଅଧିକ ଆୟ କରି, ଏକ ସୁନିଶ୍ଚିତ ଓ ବିକଶିତ ଭବିଷ୍ୟତ ଦିଗରେ ଅଗ୍ରସର
- ଆର୍ଥିକ ଦୁଃସ୍ଥ ପରିବାରର ଝିଅମାନଙ୍କୁ ସମ୍ମାନର ସହ ବିବାହ କରାଇବା ପାଇଁ ନୂତନ ଭାବେ ପ୍ରଣୀତ **'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'**

## ଶିକ୍ଷାରେ ଉନ୍ନତି, ରାଜ୍ୟର ପ୍ରଗତି

- ଆଜିଠାରୁ ରାଜ୍ୟର ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲା **'ଜାତୀୟ ଶିକ୍ଷା ନୀତି, ୨୦୨୦'**
- ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପ୍ରତିଷ୍ଠା ହେବ **'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'**
- **'ମଧ୍ୟାହ୍ନ ଭୋଜନ'**ରେ ସାମିଲ୍ ହେବେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ
- **'ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯'** ଅନୁସାରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ହେବ ସ୍ୱୟଂଶାସିତ

## ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା

- **'ଆୟୁଷ୍ମାନ୍ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'**ରେ ସାମିଲ୍ ହେଲା ଓଡ଼ିଶା; ଦେଶର ୨୯ ହଜାରରୁ ଅଧିକ ଡାକ୍ତରଖାନାରେ ପ୍ରାୟ ୧ କୋଟିରୁ ଅଧିକ ପରିବାରକୁ ନଗଦ ବିହୀନ ଚିକିତ୍ସା ଯୋଗାଇବା ପାଇଁ ଏବି-ପିଏମ୍‌ଜେଏୱାଇ ସହିତ ସଂଯୁକ୍ତ

## ନିଯୁକ୍ତିରେ ନୂଆ ସମ୍ଭାବନା

- **ସରକାରୀ ନିଯୁକ୍ତି ଅଭିଯାନ :** ୫ ବର୍ଷରେ ୧.୫ ଲକ୍ଷ ସରକାରୀ ଚାକିରି, ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ଲକ୍ଷ୍ୟ ।
- ପୂର୍ବତନ ଅଗ୍ନିବୀରମାନଙ୍କୁ ୧୦% ସଂରକ୍ଷଣ ସହ ୩ ବର୍ଷ ବୟସ ସୀମା ଛାଡ଼ ଏବଂ ରାଜ୍ୟର ୟୁନିଫର୍ମ୍ ସେବାର ସମସ୍ତ 'ଗ' ଓ 'ଘ' ବର୍ଗ ପଦବୀରେ ନିଯୁକ୍ତି ପାଇଁ ଶାରୀରିକ ଦକ୍ଷତା ପରୀକ୍ଷାରୁ ମୁକ୍ତି
- ଆଗାମୀ ୨ ବର୍ଷ ମଧ୍ୟରେ ବୟନ ଶିଳ୍ପ କ୍ଷେତ୍ରରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ
- ସୂଚନା ପ୍ରଯୁକ୍ତି ଓ ଏହାର ସମର୍ଥିତ ସେବା କ୍ଷେତ୍ରରେ ଆଗାମୀ ୫ ବର୍ଷ ମଧ୍ୟରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ

## ଉନ୍ନତ କୃଷି ଓ ସମର୍ଥ ଚାଷୀ

- **ସମୃଦ୍ଧ କୃଷକ ଯୋଜନା:** ଧାନପାଇଁ ଏମ୍‌ଏସ୍‌ପି ଉପରେ ଇନ୍‌ପୁଟ୍ ସହାୟତା ସହ କୁଇଣ୍ଟାଲ୍ ପିଛା ୩,୧୦୦ ଟଙ୍କାରେ କ୍ରୟ; ୨୦୨୫-୨୬ ଆର୍ଥିକ ବର୍ଷରେ ୬,୦୦୦ କୋଟି ଟଙ୍କାର ବ୍ୟୟ ବରାଦ ; ଉପକୃତ ହେବେ ପ୍ରାୟ ୧୮ ଲକ୍ଷ ଚାଷୀ
- ଚଳିତ ଖରିଫ ଋତୁରେ ରେକର୍ଡ ପରିମାଣର ଧାନ ୧୬.୫୯ ଲକ୍ଷ ଚାଷୀଙ୍କଠାରୁ ପ୍ରାୟ ୭୩.୪୪ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ
- ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୧୬,୮୯୦ କୋଟି ଟଙ୍କା ଏବଂ ଇନ୍‌ପୁଟ ସହାୟତା ଭାବେ ୫,୮୭୫ କୋଟି ଟଙ୍କା ପ୍ରଦାନ
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୦୨୪ ଖରିଫ ଋତୁ ପାଇଁ ୨୨.୫୩ ଲକ୍ଷ ଏବଂ ୨୦୨୪-୨୫ ରବି ଋତୁ ପାଇଁ ୧.୮୩ ଲକ୍ଷ ଚାଷୀ ପଞ୍ଜୀକୃତ
- **ପିଏମ୍ - କିଷାନ୍:** ସମସ୍ତ ଯୋଗ୍ୟ ଓ ବାଦ୍ ପଡିଥିବା ହିତାଧିକାରୀଙ୍କୁ ସାମିଲ୍ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ; ନିକଟ ଅତୀତରେ ପ୍ରାୟ ୫ ଲକ୍ଷ ନୂଆ ଚାଷୀ ହୋଇଛନ୍ତି ଲାଭାନ୍ୱିତ
- **ଶୀତଳ ଭଣ୍ଡାର ନୀତି:** ୫୮ ସବ୍ ଡିଭିଜନ୍‌ରେ ଅତିକମ୍‌ରେ ଗୋଟିଏ ଲେଖାଏଁ ନୂତନ ଶୀତଳ ଭଣ୍ଡାର
- ରାଜ୍ୟର ଦୁଗ୍ଧ ଚାଷୀଙ୍କ ହିତ ସାଧନ ଓ ଦୈନିକ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ **'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'**
- ସମୁନ୍ନତ ମାଛ ଚାଷ ପାଇଁ ସମ୍ବଲପୁରଠାରେ ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ନିର୍ମାଣ ନିଷ୍ପତ୍ତି
- ୪୬ ବର୍ଷ ପରେ ହୀରାକୁଦ କେନାଲ ବ୍ୟବସ୍ଥାର ହେବ ପୁନରୁଦ୍ଧାର, ୮୫୫ କୋଟି ଟଙ୍କାର ବ୍ୟୟ ବରାଦ
- ୩୦୦ କୋଟି ଟଙ୍କା ବ୍ୟୟ ଅଟକଳ ବିଶିଷ୍ଟ **'ବଲାଙ୍ଗିର ଉପର ଲାନ୍ଥ ଜଳସେଚନ ପ୍ରକଳ୍ପ'**ର ଶିଳାନ୍ୟାସ
- ରାସନ୍ କାର୍ଡ଼ ତଥ୍ୟାବଳୀକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ନିମନ୍ତେ ୩,୦୨,୨୪,୫୯୨ ହିତାଧିକାରୀଙ୍କ ଇ-କେ.ୱାଇ.ସି ଯାଞ୍ଚ ସମ୍ପନ୍ନ

## ବିକଶିତ ସହର, ସମୃଦ୍ଧ ଓଡ଼ିଶା

- **ପିଏମ୍ ଇ-ବସ୍ ସେବା:** ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରରେ ଖୁବଶୀଘ୍ର ଚଳାଚଳ କରିବ ୪୦୦ ଇ-ବସ୍
- **ଓଡ଼ିଶା ଯାତ୍ରୀ ଆପ୍ କାର୍ଯ୍ୟକ୍ଷମ:** ସହରାଞ୍ଚଳ ପରିବହନରେ ଆସିଲା ପରିବର୍ତ୍ତନ; ଲୋକଙ୍କୁ ମିଳିଲା, ସୁରକ୍ଷିତ, ସୁଲଭ ଓ ସୁବିଧାଜନକ ଅଟୋ/କ୍ୟାବ୍ ସେବା
- **ନ୍ୟୁ ସିଟି, ଭୁବନେଶ୍ୱର :** ୮୦୦ ଏକର ଜମିରେ ନୂତନ ସହର ନିର୍ମାଣ ପାଇଁ ଆଗୁଆ ଯୋଜନା

## ପ୍ରଗତିର ପରିଭାଷା : ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ

- **ସେତୁ ବନ୍ଧନ ଯୋଜନା :** ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ ୨୦୨୯ ସୁଦ୍ଧା ୫୦୦ ନୂତନ ସେତୁ ନିର୍ମାଣ ଲକ୍ଷ୍ୟ, ୧୪୯ ସେତୁ ନିର୍ମାଣ ସଂପୂର୍ଣ୍ଣ, ୨୩୧ ନିର୍ମାଣାଧୀନ
- **ସେତୁ ତଥା ଆଡ଼ିବନ୍ଧ :** ୨୦୨୪-୨୦୨୫ ଆର୍ଥିକ ବର୍ଷରେ ୩୩ ପ୍ରକଳ୍ପ ସଂପୂର୍ଣ୍ଣ, ୭୧ଟି ନିର୍ମାଣାଧୀନ
- **ପ୍ରଧାନମନ୍ତ୍ରୀ ଜନମନ :** ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (ପିଭିଟିଜି) ଅଧ୍ୟୁଷିତ ଅଞ୍ଚଳ ପାଇଁ ୬୯ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପ୍ରେରିତ, ୪୦ଟି ରାସ୍ତା ଓ ୨ଟି ସେତୁ ମଞ୍ଜୁରୀ ପ୍ରାପ୍ତ, ୨୬ଟି ରାସ୍ତା ଓ ୨ଟି ସେତୁ ନିର୍ମାଣ ପ୍ରସ୍ତାବିତ, ସମସ୍ତ ଅନୁମୋଦିତ ପ୍ରକଳ୍ପ ନିର୍ମାଣାଧୀନ
- **'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା'**ରେ ୮୧୩.୭ କି.ମି. ରାସ୍ତା ଓ ୩୧ଟି ସେତୁ ଏବଂ **'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'**ରେ ୩,୮୭୯.୩୮ କି.ମି. ରାସ୍ତା ନିର୍ମିତ
- ୨୦୨୪-୨୦୨୯ ମଧ୍ୟରେ ୩୦ ହଜାର କି.ମି. ରାସ୍ତା ନିର୍ମାଣ ଲକ୍ଷ୍ୟ, ୨୦୨୪-୨୦୨୫ ଆର୍ଥିକ ବର୍ଷରେ ନିର୍ମାଣ ହେଲାଣି ପ୍ରାୟ ୪,୬୯୩.୦୮ କି.ମି. ରାସ୍ତା ଏବଂ ୧୮୦ଟି ସେତୁ, ୬,୨୦୬.୩୭ କି.ମି. ରାସ୍ତା ଏବଂ ୧,୦୮୨ ସେତୁ ନିର୍ମାଣାଧୀନ
- **ବିକଶିତ ଗାଁ ବିକଶିତ ଓଡ଼ିଶା :** ୨୦୨୫-୨୦୨୬ରେ ଗ୍ରାମୀଣ ଭିତ୍ତିଭୂମି ନିର୍ମାଣ ଓ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ ୨ ହଜାର କୋଟି ଟଙ୍କା
- **ପିଏମ୍‌ଏୱାଇ(ଜି) :** ପାଖାପାଖି ୨.୬୫ ଲକ୍ଷ ଘର ସମ୍ପୂର୍ଣ୍ଣ
- **ଅନ୍ତ୍ୟୋଦୟ ଗୃହ ଯୋଜନା :** ବଞ୍ଚିତ ନିମ୍ନ ଆୟକାରୀ ପରିବାରଙ୍କ ପାଇଁ ସରକାରଙ୍କ ଦ୍ୱାରା ଗୃହ ନିର୍ମାଣର ଶୁଭାରମ୍ଭ, ପକ୍କା ଗୃହ ନିର୍ମାଣ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ
- **ଘରୋଇ ଟ୍ୟାପ୍ ସଂଯୋଗ :** ବୃହତ, ଏକକ ଏବଂ ସୌରଚାଳିତ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ସମ୍ମିଶ୍ରଣରେ ୩ ଲକ୍ଷରୁ ଅଧିକ ପରିବାରକୁ ପାନୀୟ ଜଳ ଟ୍ୟାପ୍ ସଂଯୋଗ

## ଅଗ୍ରଗତି ପଥେ ଆମ ଜନଜାତି

- ରାଜ୍ୟରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ନିମନ୍ତେ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ **'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା'**ରେ ବାର୍ଷିକ ୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ
- ଆବାସିକ ବିଦ୍ୟାଳୟଗୁଡ଼ିକୁ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ **'ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା'**
- ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ, ନୂଆପଡ଼ାର ଚୁକ୍ଟିଆ ଭୁଞ୍ଜିଆ, ଗଜପତିର ସଉରା ଏବଂ ମୟୂରଭଞ୍ଜର ମାଙ୍କଡ଼ିଆ ଓ ପାହାଡ଼ିଆ ଖଡ଼ିଆ ପିଭିଟିଜିକୁ **'ବାସସ୍ଥାନ ଅଧିକାର ପ୍ରଦାନ'**
- ଜନଜାତି ଅଞ୍ଚଳରେ ୨୦୦ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ

## ସାମାଜିକ ନିରାପତ୍ତା, ଆମ ପ୍ରତିବଦ୍ଧତା

- **ସାମାଜିକ ସୁରକ୍ଷା ଭତ୍ତା :** ୮୦ ବର୍ଷରୁ ଅଧିକ ଏବଂ ୮୦% ରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତା ୧,୨୦୦ ଟଙ୍କାରୁ ୩,୫୦୦ ଟଙ୍କାକୁ ବୃଦ୍ଧି
- **ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି :** ଅଣକୁଶଳୀଙ୍କ ପାଇଁ ୪୫୨ ଟଙ୍କା, ଅର୍ଦ୍ଧକୁଶଳୀ ୫୦୨ ଟଙ୍କା, କୁଶଳୀ ୫୫୨ ଟଙ୍କା ଏବଂ ଉଚ୍ଚ କୁଶଳୀ ପାଇବେ ୬୦୨ ଟଙ୍କା
- **ନିର୍ମାଣ ଶ୍ରମିକଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି :** ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁ ହେଲେ ୨ ଲକ୍ଷରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି

## ଶିଳ୍ପାୟନର ନୂତନ ଧାରା

- **ସମସ୍ତ ଜିଲ୍ଲାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା; 'ଉତ୍କର୍ଷ ଓଡ଼ିଶା-୨୦୨୫'** ସମ୍ମିଳନରେ ୨୦ରୁ ଅଧିକ କ୍ଷେତ୍ରରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ପ୍ରାପ୍ତ, ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ, ଯୁବବର୍ଗଙ୍କ ପାଇଁ ୧୨.୮୮ ଲକ୍ଷ ନିଯୁକ୍ତି ସୃଷ୍ଟି ସମ୍ଭାବନା, ୩୦ଟି ଜିଲ୍ଲା ଅନ୍ତର୍ଭୁକ୍ତ
- ପ୍ରତ୍ୟେକ ଜିଲ୍ଲାରେ ପ୍ରତିଷ୍ଠା ହେବ ବହୁମୁଖୀ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗ୍ରାମୀଣ ଉତ୍ପାଦ ସହ ଯୋଡ଼ି ହେବ ବିଶ୍ୱ ବଜାର

## ୨୦୨୫-୨୬ ବଜେଟରେ ପ୍ରମୁଖ ନୂତନ ପଦକ୍ଷେପ

- ୫୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବ ୧୦୦ଟି ଆଦର୍ଶ ମଣ୍ଡି
- ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଏବଂ ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ୨୦୦ କୋଟି ଟଙ୍କା ଲେଖାଏଁ ବ୍ୟୟବରାଦ
- ଜୋନାଲ୍ ଆଇଟିଆଇ ପ୍ରତିଷ୍ଠା ଏବଂ ଆଇଟିଆଇକୁ ସେଣ୍ଟର୍ ଅଫ୍ ଏକ୍ସଲେନ୍ସରେ ପରିଣତ ଲକ୍ଷ୍ୟ
- ନୂଆ ଯୁଗର ଜ୍ଞାନକୌଶଳକୁ ଆପଣାଇବା ପାଇଁ ଓଡ଼ିଶା ଏଆଇ ମିଶନ୍‌ର ଶୁଭାରମ୍ଭ
- ଓଡ଼ିଶାର ସମସ୍ତ ବ୍ଲକ୍‌ରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ୪,୧୨୪ କୋଟି ଟଙ୍କାର ବ୍ୟୟବରାଦ, ସମ୍ବଲପୁର ହେବ ଫୁଟ୍‌ବଲ୍ ସ୍ପୋର୍ଟ୍ସ ହବ୍, ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ଚୟନ ଓ ବିକାଶ ନିମନ୍ତେ ସିଏମ୍-ଟ୍ରଫି (ଅଣ୍ଡର୍-୧୫) ଫୁଟ୍‌ବଲ୍ ଚମ୍ପିୟାନ୍‌ସିପ୍ ଆରମ୍ଭ
- ଓଡ଼ିଶା ପୋଷଣ ମିଶନ୍ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ
- 'ଆମେ ପଢ଼ିବା ଆମ ଭାଷାରେ' ପାଇଁ ୨୫ କୋଟି ଟଙ୍କା ବ୍ୟୟବରାଦ
- 'ଆମ ଶିମିଳିପାଳ ଯୋଜନା' ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ
- ପ୍ରବାସୀ ଓଡ଼ିଆଙ୍କ ସହ ନିରନ୍ତର ସମ୍ପର୍କ ବଜାୟ ରଖିବା ପାଇଁ ଏକ ନୂତନ ଯୋଜନା **'ପ୍ରବାସୀ ଓଡ଼ିଆ: ଓ-ସମ୍ପର୍କ'** ଆରମ୍ଭ

VISION DOCUMENT 2036 | 2047












# ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ହନୁମାନ ବାଟିକା

## ଆସ ବୁଲଯିବା ପର୍ଯ୍ୟଟନ ସ୍ଥଳୀ ହନୁମାନ ବାଟିକା



ଅନୁଗୋଳ,(ପି.ଏନ): ଅନୁଗୋଳ ର ସବୁଜ ବନାନୀ ପ୍ରାକୃତିକ ପରିବେଶ ରେ ନନ୍ଦୀରା ନଦୀ କୂଳରେ ଦୁଇଟି ବଣ ଭୋଜି ସ୍ଥାନ ହେଉଛି କୁରୁଡୋଲ ର ଜୀବନ ଜ୍ୟୋତି ଆଶ୍ରମ ଓ କୁକୁଡ଼ାଙ୍ଗର ନାରାୟଣ ସେବାଶ୍ରମ । ବର୍ଷ ସାରା ଏହା ପର୍ଯ୍ୟଟକ ଙ୍କୁ ଆକୃଷ୍ଟ କରୁଥିଲେ ମଧ ବିଶେଷ କରି ପର୍ଯ୍ୟଟନ ଋତୁ କୁହାଯାଉଥିବା ନଭେମ୍ବର ରୁ ଫେବୃଆରି ମାସ ମଧ୍ୟରେ ଅଧିକ ପର୍ଯ୍ୟଟକ ବଣ ଭୋଜି କରିବା ପାଇଁ ଏଠାକୁ ଆସିଥାନ୍ତି । ଦୁଇ ପାର୍ଶ୍ୱରେ ବଣ ଜଙ୍ଗଲ ଭଳି ସବୁଜ ବୃକ୍ଷରାଜି ମଧ୍ୟରେ ନନ୍ଦିରା ନଦୀ ର କୁଳୁକୁଳୁ ଶବ୍ଦ ଦୂର ଦୁରନ୍ତରୁ ଓ ସହରୀ ଲୋକଙ୍କୁ ଆକୃଷ୍ଟ କରିଥାଏ । ନନ୍ଦୀରା ନଦୀରେ ଗାଧୋଇବାର ମଜା ନେବା ସହ କୁକୁଡାଙ୍ଗ ସ୍ଥିତ ନାରାୟଣ ସେବାଶ୍ରମ ମଧ୍ୟରେ ଥିବା ଔଷଧୀୟ ବୃକ୍ଷ ଗୁଡ଼ିକ ପ୍ରକୃତି ପ୍ରେମୀଙ୍କୁ ଆକୃଷ୍ଟ କରୁଥିବା ବେଳେ, ସେଠାରେ ଥିବା ସର୍ବ ସାଧାରଣ ଗ୍ରନ୍ଥାଳୟ ରେ ଏକାନ୍ତରେ ବହି ଗୁଡ଼ିକ ପଢିବା ପାଇଁ ପାଠକ ମାନଙ୍କୁ ନିଜ ଆଡ଼କୁ ଆପଣାଇ ଥାଏ । ଜିଲ୍ଲା ତଥା ଜିଲ୍ଲା ବାହାର ର ପର୍ଯ୍ୟଟକ ମାନଙ୍କୁ ଓ ବଣ ଭୋଜି କରିବାକୁ ଆଗ୍ରହୀ ଥିବା ଲୋକଙ୍କ ମଧ୍ୟରେ ଏହି ସ୍ଥାନଟି ପ୍ରଥମ ପସନ୍ଦ ସାଜିଛି । ଉଭୟ ଜୀବନ ଜ୍ୟୋତି ହନୁମାନ ବାଟିକା ଓ ନାରାୟଣ ସେବାଶ୍ରମ ରେ ଛୋଟ ପିଲା ମାନଙ୍କ ପାଇଁ ଦୋଳି ର ବ୍ୟବସ୍ଥା ହୋଇଥିବା ବେଳେ ନନ୍ଦିରା କୂଳରେ ଥିବା ଶିଶୁ ଉଦ୍ୟାନ ବଣ ଭୋଜି କରିବାକୁ ଆସିଥିବା ଛୋଟ ଛୋଟ ପିଲା ମାନେ ଦୋଳିର ମଜା ନେବାସହ ବିଭିନ୍ନ ପ୍ରକାରର ଜୀବଜନ୍ତୁ ଙ୍କ ପ୍ରତିଛବି ପିଲା ମାନଙ୍କୁ ଆକୃଷ୍ଟ କରୁଛି । ହନୁମାନ ବାଟିକା ଠାରେ ପାନୀୟ ଜଳ, ପରିସ୍ରାଗାର ଓ ଶୌଚାଳୟ ବ୍ୟବସ୍ଥା ସହିତ ସମସ୍ତ ଗାଡ଼ି ପାଇଁ ପାର୍କିଂ ର ବ୍ୟବସ୍ଥା ଥିବା ବେଳେ , ଓଡ଼ିଶା ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଥିବା ନାରାୟଣ ସେବାଶ୍ରମ ରେ ଏହି ସମସ୍ତ ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକ ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ।

କିପରି ଆସିବେ

ଅନୁଗୋଳ ସହର ଠାରୁ ମାତ୍ର ୬ କିଲୋମିଟର ଦୂରରେ ସହର ନିକଟରେ ଏକ ଶାନ୍ତ ପରିବେଶରେ ଏହା ଥିବା ବେଳେ ନାଲକୋ ନଗର ଠାରୁ ୪ କିଲୋମିଟର ଓ ତାଳଚେର ଠାରୁ ୧୦ କିଲୋମିଟର ଦୂରରେ ଏହା ରହିଛି , ଏହାର ନିକଟତମ ରେଳ ଷ୍ଟେସନ ହେଉଛି ଅନୁଗୋଳ ଷ୍ଟେସନ ସେହିପରି ଆପଣ ତାଳଚେର ରୋଡ଼ ରେଳଷ୍ଟେସନ ଠାରୁ ମଧ ଏଠାକୁ ସହଜରେ ଆସି ପାରିବେ ।

# ଏକାଠି ୮୯ ର ୧୪ ତମ ସାରସ୍ୱତ ବନ୍ଧୁମିଳନ ଉତ୍ସବ ପାଳନ



ବେତନଟୀ(ପି.ଏନ): ବେତନଟୀ ଠାରେ ଥିବା ଏକାଠି-୮୯ ସଭାଗୃହରେ ଏକାଠି-୮୯ ର ୧୪ ତମ ସାରସ୍ୱତ ବନ୍ଧୁମିଳନ ଉତ୍ସବ ପାଳନ ହୋଇଯାଇଛି ।ଏହି ସଭାରେ ମନ୍ମଥ ଦାସଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଥିଲା ।ମୁଖ୍ୟ ଅତିଥି ଭାବରେ ଲୋକପ୍ରିୟ ବଡସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରିଥିଲେ ।ସମ୍ମାନୀତ ଅତିଥି ଭାବରେ ମନ୍ମଥ କୁମାର ଦାସ ଏବଂ ବିକାଶ ବେହେରା ଉପସ୍ଥିତ ହୋଇଥିଲେ ।ଯାଇ ଏକାଠି-୮୯ ର ସାଙ୍ଗମାନଙ୍କ ମଧ୍ୟରେ ବନ୍ଧୁମିଳନ ହୋଇଥିଲା ।ଏହାପରେ ସମସ୍ତେ ବେତନଟୀ ଡାକ୍ତରଖାନା କୁ ଯାଇ ଶୃଙ୍ଖଳା ଖାଦ୍ୟ ବଣ୍ଟନ କରିଥିଲେ ।ଏହି ଉତ୍ସବକୁ ରଞ୍ଜନ ବଳବନ୍ତରାୟ, ମାଧବ ପ୍ରସାଦ ମଢୁଆଳ, ନବ କୁମାର ବେହେରା,ସରୋଜ ଭୂୟାଁ,ମହେଶ ଖଣ୍ଡେଲୱାଲ, ପ୍ରବୀର ଗିରି,ହରିଶ୍ ଗିରି,ବିପ୍ଳବ ନାୟକ ,ପ୍ରବୀର ବାରିକ, ରାକେଶ ଖଣ୍ଡେଲୱାଲ, ହଳଧର ମହାନ୍ତ,ଜୀବନ ମହାନ୍ତି,ପ୍ରଦୀପ ପାତ୍ର, ଇତ୍ୟାଦି ପରିଚାଳନା କରିଥିଲେ । ବେତନଟୀରେ ଗୋଟିଏ ସୁନ୍ଦର ପାର୍କ ନିର୍ମାଣ ପାଇଁ ମାନ୍ୟବର ବିଧାୟକଙ୍କୁ ପ୍ରସ୍ତାବ ଦେଇ ଥିଲେ ଏକାଠି-୮୯ ର ସମସ୍ତ ସଦସ୍ୟ। ମାନ୍ୟବର ବିଧାୟକ ବେତଧଟୀ ସତସଂଘ କେନ୍ଦ୍ର ନିକଟରେ ଥିବା ବେତନଟୀ ପୋଖରୀ ଠିକ ହେବ ବୋଲି କହିଥିଲେ ଏବଂ ଆହୁରି ମଧ୍ୟ କହିଥିଲେ କି ଆସନ୍ତା ବର୍ଷ ଏହି ଦିନକୁ ପାର୍କ ନିର୍ମାଣ ସରିଥିବା ନେଇ ପ୍ରତିଶୃତି ଦେଇଥିଲେ। ପରିଶେଷରେ ସମ୍ପାଦକ ତପନ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।ବେତନଟୀ

# ଉଠାଜଳସେଚନ ପ୍ରକଳ୍ପରୁ ଟ୍ରାନ୍ସଫର୍ମରୁ କୋଏଲ ଚୋରୀ



ବେତନଟୀ,(ପି.ଏନ): ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ କଦଳିଆ ଗ୍ରାମରେ ଥିବା ଉଠା ଜଳସେଚନ ପ୍ରକଳ୍ପର ଟ୍ରାନ୍ସଫର୍ମର ଚୋରି ଘଟଣାରେ ରବିବାର ଅପରାହ୍ନ ଦୁଇଟାରେ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କଲା ବୈଶିଙ୍ଗା ପୁଲିସ ।ସୂଚନା ମୁତାବକ ଚାଷୀମାନଙ୍କ ପାଇଁ ଉଠା ଜଳସେଚନ ବିଭାଗ ପକ୍ଷରୁ ଏକ ପ୍ରକଳ୍ପ ସ୍ଥାପିତ କରାଯାଇଥିଲା ।କିଛି ଦୁର୍ବୃତ୍ତ ଉଠା ଜଳସେଚନ ପ୍ରକଳ୍ପରେ ବ୍ୟବହୃତ ଟ୍ରାନ୍ସଫର୍ମରରୁ ମୂଲ୍ୟବାନ କୋର ଓ କୋଏଲ ଚୋରି କରିନେଇଥିଲେ। ଘଟଣା ଜଣାପଡିବା ପରେ ସ୍ଥାନୀୟଲୋକ ପୁଲିସକୁ ଖବର ଦେଇଥିଲେ ।ଖବର ପାଇ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତକରି ଫେରିଥିବା ସୂଚନା ମିଳିଛି।

# ରାଇରଙ୍ଗପୁର ମହାବିଦ୍ୟାଳୟର ଆଲୁମନି ଆସୋସିଏସନର ବୈଠକ



ରାଇରଙ୍ଗପୁର,(ପି.ଏନ): ରାଇରଙ୍ଗପୁର ମହାବିଦ୍ୟାଳୟର ଆଲୁମନି ଆସୋସିଏସନ ର ବୈଠକ ମୟୂରଭଞ୍ଜ ସାଂସଦ ତଥା ଆଲୁମନି ଆସୋସିଏସନର ସଭାପତି ନବ ଚରଣ ମାଝିଙ୍କ ଅଧକ୍ଷତାରେ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି. । ସାଧାରଣ ସମ୍ପାଦକ ମନୋଜ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ ।. ରାଇରଙ୍ଗପୁର କଲେଜକୁ ସରକାରୀ କଲେଜରେ ପରିଣତ କରିବା ସମ୍ପର୍କରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଙ୍କ ସହ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସାଂସଦ ଶ୍ରୀ ମାଝୀ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ. । ମହାବିଦ୍ୟାଳୟର ଆବଶ୍ୟକ ହେଉଥିବା ଶ୍ରେଣୀ ଗୃହ ନିର୍ମାଣ, ନୂଆ ବିଷୟ ଖୋଲିବା, ସ୍ନାତକୋତର ଶ୍ରେଣୀ ଖୋଲିବା, କଲେଜର ବାର୍ଷିକ ଉତ୍ସବ ପାଳନ, ହୀରକ ଜୟନ୍ତୀ ପାଳନ ଓ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ଅଧିକ ସଂଖ୍ୟାରେ ସାମିଲ କରିବା ଆଦି ସମ୍ପର୍କରେ କଲେଜ ଅଧକ୍ଷ ସୁନୀଲ ଜେନା, କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ ମହାନ୍ତି, ମନୋଜ ମହାନ୍ତ, ସୌରଭ ପଟ୍ଟନାୟକ, ବୁଲୁ ଦିଗାର, ବିଜୟ ରାମ, ଗୌରୀ ଦତ୍ତ, ଅମିତ ମହାନ୍ତ, ପ୍ରମୁଖ ଆଲୋଚନା କରିଥିଲେ ।. ଶେଷରେ ଦିଗମ୍ବର ଗିରି ଧନ୍ୟବାଦ ଅର୍ପଣ କରିଥିଲେ. ସଭାପତିଙ୍କ ପରାମର୍ଶ କ୍ରମେ ଚଳିତ ଜାନୁଆରୀ ମାସ ୨୫ତାରିଖ ଦିନ ପରବର୍ତ୍ତୀ ବୈଠକ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି. ।

# ସ୍ୱାମ ନାଏକ ସାହିରେ ମାଆ ଠାକୁରାଣୀଙ୍କ ଓଷା ପାଳିତ



କେନ୍ଦୁଝର ଜିଲ୍ଲା ଏକ ଆଦିବାସୀ ଅଧୁଷିତ ଜିଲ୍ଲା ଏଠାରେ ପର୍ବ ପାଳନ ହେଲା ଆଦିବାସୀଙ୍କ ଜୀବନ। ସମସ୍ତେ ମିଳିମିଶି ବାରମାସରେ ତେର ପର୍ବ ପାଳନ କରି ଆସୁଛନ୍ତି। କିଛି ସ୍ୱତନ୍ତ୍ର ପର୍ବ ମଧ୍ୟରେ ଠାକୁରାଣୀ ଓଷା ମୁଖ୍ୟ ପର୍ବ ଅଟେ। ପାଟଣା ବ୍ଲକ ଅନ୍ତର୍ଗତ ସ୍ୱାମ ନାଏକ ସାହିରେ ଏହି ପର୍ବ ଖୁବ୍ ଜାକଜମକରେ ପାଳିତ ହୋଇଯାଇଛି। ଏହି ପର୍ବରେ ସ୍ଥାନୀୟ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇ ଥିଲେ। ସାଧାରଣତଃ ଧାନ କଟା ପରେ ମାଆ ଠାକୁରାଣୀ ଓଷା କେନ୍ଦୁଝର ଜିଲ୍ଲାରେ ପାଳନ କରା ଯାଏ। ବଡ଼ ପାଟଣା ପଞ୍ଚାୟତର ସ୍ୱାମ୍ ଗ୍ରାମର ନାଏକ ସାହିରେ କେଉଁ କାଳରୁ ଏହି ପର୍ବ ପାଳିତ ହୋଇଆସୁଛି। ଭକ୍ତମାନେ ଅତି ନିଷ୍ଠାର ସହ ନଡ଼ିଆ କଦଳୀ ଭୋଗ ଠାକୁରାଣୀଙ୍କ ପାଖରେ ଅର୍ପଣ କରନ୍ତି ।ମାନସିକ କରିଥିବା ଭକ୍ତମାନେ ନିଆଁରେ ଚାଲିଥାନ୍ତି। ଓଷା ପାଳନ ଅବସରରେ ଆଠ ଦିନ ଧରି ନାଚଗୀତ ହୁଏ। ନବମ ଦିନରେ ମାଆଙ୍କୁ ଧରି ଗାଁ ଗାଁ ବୁଲା ହୁଏ। ଠାକୁରାଣୀଙ୍କୁ ବିଦାୟ ବେଳେ ଗାଁର ମାଆ ଝିଅ ବୋହୂମାନେ ଗୀତ ଗାଇ ଗାଇ ବିଦାୟ ଦିଅନ୍ତି ପୁଣି ଆର ବର୍ଷକୁ ଅପେକ୍ଷା କରି। ଚଳିତ ବର୍ଷ ଧାନ ଭଲ ହୋଇଥବା ବେଳେ ପାଗ ଭଲ ଥିବାରୁ ଠାକୁରାଣୀ ଓଷା ପାଳନ ଖୁବ୍ ଜମି ଥିବା ଜଣାଯାଇଛି।

# ହାତୀ ପାଦ ଚିହ୍ନରେ ରକ୍ତ ଛିଟା, ଡ୍ରୋନ୍ ଦ୍ୱାରା ଯାଞ୍ଚ



ତେଲକୋଇ : କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ଏକ ହାତୀ ଚଳପ୍ରଚଳ ଅଞ୍ଚଳ ରହି ଆସିଛି। ଦୀର୍ଘ ଦୁଇମାସ ହେବ ତେଲକୋଇ ବନାଞ୍ଚଳ ର ବିଭିନ୍ନ ଅଞ୍ଚଳ ରେ ହାତୀ ପଲ ଉପଦ୍ରବ ଚଳାଇ ଆସୁଛନ୍ତି। ଏବେ କାଳିଆହତା ଫରେଷ୍ଟ ବିଟ୍ ରେ ୪୧ ଟିକିଏ ହାତୀ ପଲ ଡେରା ପକାଇଥିବା ବେଳେ ସେ ଅଞ୍ଚଳରେ ଉପଦ୍ରବ ମଧ କରୁଛନ୍ତି। କାଳିଆହତା ଫରେଷ୍ଟ ବିଟ୍ ବେଣାମୁଣ୍ଡା ଗାଁ କୁମ୍ଭାର ସାହି ଜଙ୍ଗଲ ନିକଟରେ ହାତୀ ପାଦ ଚିହ୍ନରେ ରକ୍ତ ଛିଟା ଦେଖିବାକୁ ମିଳିଛି। କୌଣସି ଏକ ହାତୀ ଗୋଡ଼ରେ କ୍ଷତ ଥିବା ନେଇ ସନ୍ଦେହ କରାଯାଉଛି। ଫଳରେ ତେଲକୋଇ ବନାଞ୍ଚଳ ଅଧିକାରୀ ଶିବାଜୀ ମୋହନ ରାଓଙ୍କ ନେତୃତ୍ୱରେ ବନ ବିଭାଗର ଏକ ଟିମ୍ ବିତରଣ କରୁଥିବା ସ୍ଥାନରେ ବ୍ୟାପକ ଯାଞ୍ଚ କରିଛନ୍ତି। ସେଠାରେ ହାତୀପଲ ରହିଥିବା ବେଳେ ବିଭାଗ ପକ୍ଷରୁ ଡ୍ରୋନ୍ କ୍ୟାମେରା ସାହାଯ୍ୟରେ ହାତୀ ମାନଙ୍କୁ ନିରୀକ୍ଷଣ କରଯାଇଛି ।ଶିକାରୀ ର ତୀରମାଡ ହେଉ କିଂବା କୌଣସି କାରଣରୁ ହେଉ ହାତୀ ପାଦ ରୁ ରକ୍ତ ପଡୁଥିବା ପାଦଚିହ୍ନ ରୁ ଜଣାପଡୁଛି। ଏ ସମ୍ପର୍କରେ ରେଞ୍ଜର ଶିବାଜୀ ମୋହନ ରାଓଙ୍କୁ ପଚାରିବାରୁ ସେ କହିଲେ ଯେ ଉକ୍ତ ସ୍ଥାନରେ ହାତୀ ମାନଙ୍କୁ ଡ୍ରୋନ ଦ୍ୱାରା ନିରୀକ୍ଷଣ କରଯାଇଛି। ଏ ପର୍ଯ୍ୟନ୍ତ କୌଣସି କାରଣ ଜଣା ପଡ଼ି ନାହିଁ।

# ଚୋରା ବାଲିବୋଝେଇ ଟିପ୍ପର ଜବତ



ବେତନଟୀ(ହରିଶ୍ଚନ୍ଦ୍ର ସାମଲ) :ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ବାଳିଆପିଟା -ଦୁର୍ଗାପୁର ରାସ୍ତାରେ ଚଢାଉକରି ଚୋରା ବାଲି ବୋଝେଇ ଟିପ୍ପର ଜବତ କରିବା ସହିତ ରବିବାର ଅପରାହ୍ନ ସାଢେ ଚାରିଟାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କଲା ପୁଲିସ ।ସୂଚନା ମୁତାବକ ଚୋରା ବାଲି ଚାଲାଣନେଇ ଖବର ମିଳିବା ପରେ ବୈଶିଙ୍ଗା ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ ବାଳିଆପିଟା -ଦୁର୍ଗାପୁର ରାସ୍ତାରେ ଚଢାଉ କରିଥିଲା ।ପୁଲିସ ଟିମ ଦେଖି ବାଲିବୋଝେଇ ଟିପ୍ପର ଚାଳକ ଜଣକ ରାସ୍ତା ଉପରେ ଗାଡି ଛାଡ଼ିଦେଇ ଚମ୍ପଟ ମାରିଥିଲା କ୍ଷ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରୁ ଓଡି -୦୧ଏଟି -୧୨୦୧ନମ୍ବର ବିଶିଷ୍ଟ ଚୋରା ବାଲିବୋଝେଇ ଟିପ୍ପରକୁ ଜବତକରି ଥାନାକୁ ଆଣିବା ସହିତ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛନ୍ତି।

# କାମ ନ ହୋଇ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗ, ଭିଜିଲାନ୍ସ ତଦନ୍ତ ଜାରି



ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ କୁରେଶ୍ୱର ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର କାମ ନ ହୋଇ ବ୍ୟାପକ ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ଗ୍ରାମବାସୀ ଓ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେବା ସାଙ୍ଗେ ସାଙ୍ଗେ ନୂଆପଡ଼ା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏହି ଅଭିଯୋଗକୁ ଭିତ୍ତିକରି ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ପରିଷଦ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଯୋଗେଶ୍ୱର ଭୋଇଙ୍କ ନେତୃତ୍ୟରେ ଏହାର ତଦନ୍ତ ଭାର ନୂଆପଡ଼ା ଭିଜିଲାନ୍ସ ଡି ଏସ ପି ଦୀନବନ୍ଧୁ ବେହେରା ଏକ ଟିମ ମାଧ୍ୟମରେ ଗତ ଦୁଇ ଦିନ ଧରି କୁରେଶ୍ୱର୍ ପଞ୍ଚାୟତ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଫାଇଲ ଜବତ କରି ତଦନ୍ତ ଜାରି ରଖିଛନ୍ତି । ସଠିକ୍ ତଦନ୍ତ ପରେ ସତ୍ୟାସତ୍ୟ କଣ ?, ପ୍ରକୃତ ଦୋଷୀ କିଏ ? ତା ଉପରେ କଣ କାର୍ଯ୍ୟାନୁଷ୍ଠାନ ହେବ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ , ତା ଉପରେ ସମସ୍ତଙ୍କ ନଜର ।

## କାଳିଆହତା ଫରେଷ୍ଟ ବିଟ୍ ରେ ହାତୀ ପଲଙ୍କ ଉପଦ୍ରବ, ଝରକା ଫାଙ୍କରେ ଶୁଣ୍ଢ ଗଳାଇ ଖାଇଲେ ଧାନ

ତେଲକୋଇ,(ପି.ଏନ): ତେଲକୋଇ ରେଞ୍ଜ ଅଧୀନ କାଳିଆହତା ଫରେଷ୍ଟ ବିଟ୍ ନୂଆଗାଁ କବାଟ ମୁଣ୍ଡା ସାହିରେ ହାତୀ ପଲଙ୍କ ଉପଦ୍ରବ ଜାରି ରହିଛି ।ଲୋକେ ଘରେ ଶୋଇଥିବା ବେଳେ ହାତୀ ପଲ ଖାଦ୍ୟ ଅନ୍ୱେଷଣରେ ଆସି ଗାଁ ରେ ପଶି ଘରେ ଥିବା ଧାନ କୁ ଖାଇ ଯାଉଛନ୍ତି। ମୁଣ୍ଡଝ ।ଳ ତୁଣ୍ଡରେ ମାରି ଅମଳ କରିଥିବା ଫସଲ କୁ ଝରକା ରେ ଶୁଣ୍ଢ ପୁରାଇ ଅତି ସନ୍ତର୍ପଣରେ ଘରେ ଥିବା ଚାଷୀ ର ଧାନକୁ ଖାଉଥିବା ଦୃଶ୍ୟ କ୍ୟାମେରା ରେ କଏଦ ହୋଇଛି। ଗତକାଲି ବିଳମ୍ବିତ ରାତିରେ କବାଟ ମୁଣ୍ଡା ସାହିରେ ମଧୁସୂଦନ ପିଙ୍ଗୁଆଙ୍କ ଘରେ ପଶି ଝରକା କୁ ତାଡି ଶୁଣ୍ଢ ସାହାଯ୍ୟ ରେ ଧାନ କୁ ଖାଇବା ସମୟରେ ଶବ୍ଦ ଶୁଣି ଘର ଲୋକ ଉଠିଥିଲେ ଏବଂ ଟର୍ଚ୍ଚ ମାରି ଦେଖିଲାବେଳକୁ ହାତୀ ଧାନ ଖାଉଛି ।ଏହା ଦେଖି ଘର ଲୋକ ପାଟି କରିଥିଲେ ମଧ ହାତୀ ସେଠାରୁ ନଯାଇ ଧାନକୁ ଖାଇ ଚାଲିଥିଲା। ଫଳରେ ଘର ଲୋକ ଭୟଭିତ ଅବସ୍ଥାରେ ସାହି ଲୋକଙ୍କୁ ଡାକ ପକାଇଥିଲେ ।ପରେ ସାହି ଲୋକଙ୍କ ସହାୟତା ରେ ହାତୀ କୁ ଘଉଡା ଯାଇଥିଲା।

# ଯଶୀପୁର ଅଞ୍ଚଳରୁ ଚୋରି ହୋଇଥିବା ବୋଲେରୋ ଗାଡି ବହଳଦା ପୋଲିସ ଦ୍ୱାରା ଦୁନ୍ଦୁରୁ ଉଦ୍ଧାର, ସନ୍ଦେହରେ ଜଣେ ଅଟକ



ରାଇରଙ୍ଗପୁର,(ପି.ଏନ): ମୟୂରଭଞ୍ଜ ଜିଲ୍ଲାର ପାଞ୍ଚପୀଢ ଉପଖଣ୍ଡର ଯଶୀପୁର ଥାନା ଅନ୍ତର୍ଗତ ମାହାର୍ଦ୍ଦାପଳଶା ଗ୍ରାମରୁ ଜନୈକ ନିତ୍ୟାନନ୍ଦ ବେହେରାଙ୍କ ଏକ ମହେନ୍ଦ୍ର ବୋଲେରୋ ଗାଡି ନମ୍ବର OD -୧୧E-୦୯୯୧ ଗତକାଲି ରାତି ପ୍ରାୟ ୧୨ ରୁ ୧୨.୩୦ ମଧ୍ୟରେ ଚୋରି ହୋଇଥିବା ନେଇ ଯଶୀପୁର ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ଚୋରି ହୋଇଥିବା ବୋଲେରୋ ଗାଡି ସମ୍ବନ୍ଧରେ ମୟୂରଭଞ୍ଜର ସମସ୍ତ ଥାନା ମାନଙ୍କୁ ଅବଗତ କରାଯାଇଥିଲା। ବହଳଦା ପୋଲିସ ଆଇଆଇସି ବିରେନ୍ଦ୍ର କୁମାର ରାଉତଙ୍କ ନେତୃତ୍ୱରେ ଆଜି ଭୋର୍ ସକାଳେ କୌଣସି ସୂତ୍ରରୁ ଖବର ପାଇ ବହଳଦା ଥାନା ଅନ୍ତର୍ଗତ ଦୁନ୍ଦୁ ଗ୍ରାମରେ ଜନୈକ ବ୍ୟକ୍ତିଙ୍କ ଘର ଆଗରେ ଏକ ମହେନ୍ଦ୍ର ବୋଲେରୋ ଗାଡି ଠିଆ ହୋଇଥିବା ଦେଖି ଏବଂ ଗାଡିର ନମ୍ବର ଦେଖି ଆଶ୍ଚର୍ଯ୍ୟ ହେବା ସହ ଉକ୍ତ ମହେନ୍ଦ୍ର ବୋଲେରୋ ଗାଡ଼ିଟି ଗତକାଲି ରାତିରେ ଯଶୀପୁର ଥାନା ଅନ୍ତର୍ଗତ ମାହାର୍ଦ୍ଦାପଳଶା ଗ୍ରାମରୁ ଚୋରି ହୋଇଥିବା ଗାଡି ବୋଲି ଜାଣି ପାରିଥିଲେ। ତୁରନ୍ତ ବହଳଦା ପୋଲିସ ଉକ୍ତ ବୋଲେରୋ ଗାଡିକୁ ଜବତ କରି ବହଳଦା ଥାନାକୁ ଆଣିବା ସହ ଦୁନ୍ଦୁର ଯାହା ଘର ଆଗରେ ଉକ୍ତ ବୋଲେରୋ ଗାଡି ରଖାଯାଇଥିଲା ସେହି ଘରର ଜନୈକ ବ୍ୟକ୍ତି ଜାବିର ଅହମ୍ମଦ (୨୬) କୁ ବହଳଦା ପୋଲିସ ଉଠାଇ ଆଣିବା ସହ ଥାନାରେ ଅଟକ ରଖି ଉକ୍ତ ବୋଲେରୋ ଗାଡି ସମ୍ବନ୍ଧରେ ପଚାରାଉଚୁରା କରୁଛି। ଜାବିର ଅହମ୍ମଦର ଘର ପଡୋଶୀ ଝାଡଖଣ୍ଡ ରାଜ୍ୟର ବାଙ୍ଗ ଥାନା ଅନ୍ତର୍ଗତ କେରାଇକେଲା ବୋଲି ଜଣାପଡିଛି ଏବଂ ଜାବିର ବହଳଦା ଥାନା ଅନ୍ତର୍ଗତ ଦୁନ୍ଦୁ ଗ୍ରାମରେ ବିବାହ କରିଛି ତଥା ସେହି ଦୁନ୍ଦୁରେ ଏକ ଭୋଡା ଘର ନେଇ ରହୁଥିବା ଜଣାପଡିଛି ।ଚୋର ସନ୍ଦେହରେ ଥାନାରେ ଅଟକ ଥିବା ଜାବିର ଅହମ୍ମଦ ଗାଡି ଚୋରି ବିଷୟରେ ସେ କିଛି ଜାଣିନାହିଁ ଏବଂ ତା'ର ଜଣେ ଚିହ୍ନା ଲୋକ ଏଇ ବୋଲେରୋ ଗାଡି ଆଣି ତାଙ୍କ ଘରେ ରଖିଛି ବୋଲି କହୁଛି । ଜାବିର ରାଇରଙ୍ଗପୁର ସ୍ଥିତ ରାଜା ୱେଲଡିଙ୍ଗ ଦୋକାନରେ କାମକରେ ବୋଲି ଜଣାପଡିଛି। ବହଳଦା ପୋଲିସ ଏହି ବୋଲେରୋ ଗାଡି ସମ୍ବନ୍ଧରେ ଯଶୀପୁର ଥାନାକୁ ଜଣାଇବାରୁ ଯଶୀପୁର ଥାନା ଅଧିକାରୀ ସଂଯୁକ୍ତା ମହାଲିକ ଉକ୍ତ ଚୋରି ହୋଇଥିବା ବୋଲେରୋ ଗାଡିର ମାଲିକ ବହଳଦା ଥାନାରେ ପହଞ୍ଚିଛନ୍ତି ।ବହଳଦା ପୋଲିସ ଅଧିକ ତଦନ୍ତ ପାଇଁ ଉକ୍ତ ବୋଲେରୋ ଗାଡି ସହ ଅଭିଯୁକ୍ତ ଜାବିର ଅହମ୍ମଦକୁ ଯଶୀପୁର ଥାନା ଅଧିକାରୀଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି। ଯଶୀପୁର ଥାନାରେ ଏହି ଗାଡି ଚୋରି ଘଟଣା ନେଇ ୫/୨୦୨୫ ନମ୍ବରରେ ଏକ ମାମଲା ରୁଜୁ ହୋଇଛି ।ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତକାଲି ରାତିରେ ପଡୋଶୀ ଜାମଦା ଥାନା ଅନ୍ତର୍ଗତ ଜଟାପାଣି ଗ୍ରାମର ଜନୈକ ମନୋରଞ୍ଜନ ବରାଲଙ୍କ ଏକ ଧଳା ରଙ୍ଗର ମହେନ୍ଦ୍ର ବୋଲେରୋ ଗାଡି ନମ୍ବର ଡଜ-୦୯କ- ୭୧୪୭ ତାଙ୍କ ଘର ଆଗରୁ ଚୋରି ହୋଇଥିବା ନେଇ ଜାମଦା ଥାନାର ଅଭିଯୋଗ ହୋଇଛି। ସମଗ୍ର ମୟୂରଭଞ୍ଜ ଜିଲ୍ଲା ର ବିଭିନ୍ନ ଥାନା ଅଞ୍ଚଳରେ ଗାଡି ଚୋରଙ୍କ ଦୌରାତ୍ମ୍ୟ ଭୀଷଣ ଭାବେ ବୃଦ୍ଧି ପାଇଛି। କିଛି ମାସ ତଳେ ବାରିପଦାରୁ ଚୋରି ହୋଇଥିବା ଏକ ଗାଡି ବହଳଦା ଥାନା ଅଞ୍ଚଳରେ ପୋଲିସ ଦ୍ୱାରା ଜବତ ହୋଇଥିଲା। ଏହି ସବୁ ଗାଡି ଚୋରିରେ ଏକ ବହୁତ ବଡ ରେକେର୍ଟ କାମ କରୁଥିବା ପୋଲିସ ସନ୍ଦେହ କରୁଛି ।ବହଳଦା,ତିରିଂ,ଜାମଦା, ଯଶୀପୁର,ରରୁଆଁ ପ୍ରଭୃତି ଥାନା ଅଞ୍ଚଳ ଗୁଡିକ ପଡୋଶୀ ଝାଡଖଣ୍ଡ ସୀମାକୁ ଲାଗିକରି ଥିବାରୁ ଖୁବ୍ ସହଜରେ ଗାଡି ଚୋରମାନେ ଅକ୍ଳେଶରେ ଚୋରି ଗାଡିକୁ ଝାଡ଼ଖଣ୍ଡ ଏବଂ ବିହାରର ବିଭିନ୍ନ ଅଞ୍ଚଳକୁ ପାର କରିଦେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଆଜି ଚୋରି ବୋଲେରୋ ଗାଡି ପୋଲିସ ପାଇବା ପରେ ବାମନଘାଟୀ ଉପଖଣ୍ଡ ପୋଲିସ ପ୍ରଶାସନର ତତ୍ପରତା ପ୍ରକାଶ ପାଇବା ସହ ବିଭିନ୍ନ ଥାନା ଅଧିକାରୀଙ୍କୁ ଏଥିନେଇ ଅଧିକ ତଦନ୍ତ କରୁଥିବା ଜଣାପଡିଛି। ଆଜି ବହଳଦା ପୋଲିସ ଦ୍ୱାରା ଜବତ ହୋଇଥିବା ଯଶୀପୁରର ବୋଲେରୋ ଗାଡିରୁ , ଗାଡିରେ ଥିବା ଗୋଟିଏ ଟ୍ୟାପ୍ ରେକର୍ଡର, ଦୁଇଟି ବକ୍ସ ଏବଂ ଗାଡିର କାଗଜପତ୍ର ଚୋରି ହୋଇଥିବା ଜଣାପଡିଛି।

# ଶିଶୁ ଯତ୍ନ ଅନୁଷ୍ଠାନର ପିଲାଙ୍କ ଗହଣରେ ନୂତନ ବର୍ଷ ପାଳନ କଲେ ଜିଲ୍ଲାପାଳ କଳାହାଣ୍ଡି



କଳାହାଣ୍ଡି,ଭବାନୀପାଟଣ.(ପି.ଏନ): ୨୦୨୪ ବର୍ଷ କୁ ବିଦାୟ ତଥା ନୂଆ ଆଶା ଓ ଅଭିଳାଷ କୁ ନେଇ ସୁନେଲି ସ୍ୱପ୍ନ ଦେଖୁଥିବା ଶିଶୁ ଯତ୍ନ ଅନୁଷ୍ଠାନ ରେ ରହୁଥିବା କୁନି କୁନି ଶିଶୁ ମାନଙ୍କ ସହିତ କିଛି ମୁହୂର୍ତ୍ତ କଟେଇବା ଓ ନୂତନ ବର୍ଷ ୨୦୨୫ କୁ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟ ରେ ଜିଲ୍ଲାପାଳ କଳାହାଣ୍ଡି ପାୱାର ସଚିନ ପ୍ରକାଶ ଏବଂ ଜିଲ୍ଲା ର ଅନ୍ୟ ଅଧିକାରୀ ମାନେ ଆଜି ଭବାନୀପାଟଣା ସ୍ଥିତ ନେହେରୁ ସେବା ସଂଘ ଓ ବାଳଗୋପାଳ ସେବା ନିକେତନ ଠାରେ ଜିଲ୍ଲାପାଳ ସମସ୍ତ ଅନ୍ତେବାସୀ ଓ ଅନୁଷ୍ଠାନ ର କର୍ମକର୍ତ୍ତା ଙ୍କୁ ନବ ବର୍ଷ ର ଶୁଭେଚ୍ଛା ଜଣାଇବା ସହିତ ପିଲାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ, ପିଲାମାନେ ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ ଏବଂ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ନବବର୍ଷ ରେ ଶିଶୁ ଯତ୍ନ ଅନୁଷ୍ଠାନ ର ପିଲାଙ୍କ ସହିତ ନିଜର ବହୁମୂଲ୍ୟ ସମୟ ଦେଇ ତାଙ୍କୁ ଉତ୍ସାହିତ କରିଥିବାରୁ ଏହି ଦୁଇଟି ଅନୁଷ୍ଠାନ ର କର୍ମକର୍ତ୍ତା ଜିଲ୍ଲାପାଳଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ ଏବଂ ଧନ୍ୟବାଦ ଜଣାଇଥିଲେ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

Bhubaneswar Tuesday April 01 ଭୁବନେଶ୍ୱର ମଙ୍ଗଳବାର, ମଙ୍ଗଳ ୦୧, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ଓଡ଼ିଶା ରାଜ୍ୟ ବିଦ୍ୟାଳୟସ୍ତରୀୟ କୁଡୋରେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଲେ ପ୍ରିସ୍କିଲା




ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଅଞ୍ଚଳର ଜନୈକ ଛାତ୍ରୀ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସ୍ତରୀୟ ପ୍ରଥମ ଥର କୁଡୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରି ଗର୍ବ ଗୌରବ ଅର୍ଜନ କରିଥିବାରୁ ସାଧାରଣରେ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।ଡିଙ୍ଗର ଗ୍ରାମର ରବି ନାରାୟଣ ନାଗ ଓ କବିତା ନାୟକଙ୍କ ଏକମାତ୍ର ଝିଅ ପ୍ରିସ୍କିଲା ଭୁବନେଶ୍ୱର ସ୍ଥିତ କେଦାର ଗୌରୀ ସେଣ୍ଟ ଜାଭିୟର୍ସ ହାଇସ୍କୁଲରରେ ନବମ ଶ୍ରେଣୀରେ ଅଧ୍ୟୟନରତ ଅଛନ୍ତି । ଚ଼ଳିତ ବର୍ଷ ମାର୍ଚ୍ଚ ମାସ ୨୯ ରିଖରେ ଦୁଇ ଦିନ ଧରି କଟକ ଖ୍ରୀଷ୍ଟ ମହାବିଦ୍ୟାଳୟ ପରିସରରେ ରାଜ୍ୟ ସ୍ତରୀୟ କୁଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ପ୍ରିସ୍କିଲା ଅଂଶ ଗ୍ରହଣ କରି ୧ ଟି ସ୍ୱର୍ଣ୍ଣ(କୁମି ଟେ) ଓ ୧ ଟି ରୌପ୍ୟ(କାଟା)ପଦକ ହାସଲ କରିଛନ୍ତି। ଏପରିକି ଭୁବନନେଶ୍ୱର ସ୍ଥିତ ସୁନ୍ଦରପଦା ବାପୁଜୀ କ୍ଲବ ଠାରେ କୋଚ୍ ଅଜୟ କୁମାର ବେହେରାଙ୍କ ତତ୍ୱାବଧାନରେ ପ୍ରଶିକ୍ଷଣ ନେଉଛନ୍ତି।

## ଶ୍ରୀ ବିରଜା ସେବା ସମିତିର ବୈଠକ ଅନୁଷ୍ଠିତ

ଯାଜପୁର,(ପି.ଏନ): ଶ୍ରୀବିରଜା ସେବା ସମିତିର ମାସ ଶେଷ ବୈଠକ ମା'ବିରଜାଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଶ୍ୱମ୍ଭର ମିଶ୍ର ଅସୁସ୍ଥ ଥିବାରୁ ଉପସଭାପତି ପ୍ରମୋଦ କୁମର ଦ୍ୱିବେଦୀ ସଭାରେ ଅଧକ୍ଷତା କରିଥିଲେ। ସମିତିର ବରିଷ୍ଠ ସଭ୍ୟ ଆନନ୍ଦ ବିହାରୀ ରାୟ ଓ ଯାଜପୁର ବିଶିଷ୍ଟ ପୂଜକ ପ୍ରଶାନ୍ତ ସନ୍ଧିବିଗ୍ରହଙ୍କ ମହାପ୍ରୟାଣ ହୋଇଯାଇଥିବାରୁ ସେମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ମା'ଙ୍କ ନିକଟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସଭ୍ୟ ବ୍ରହ୍ମାନନ୍ଦ ସ୍ୱାଇଁଙ୍କ ଶରୀର ଅତି ଅସୁସ୍ଥଥିବାରୁ ମା'ଙ୍କ ନିକଟରେ ତାଙ୍କର ଆଶୁଆରୋଗ୍ୟ କାମନା କରାଯାଇଥିଲା।

## 'ସମାସ'ର ବାର୍ଷିକ ଉତ୍ସବ ଓ କବିତା ପାଠୋତ୍ସବ ଅନୁଷ୍ଠିତ



ଭୁବନେଶ୍ୱର,(ପି.ଏନ): 'ସମାସ' ଅନୁଷ୍ଠାନର ବାର୍ଷିକ ଉତ୍ସବ ଅବସରରେ ଭୁବନେଶ୍ୱରସ୍ଥ ପାନ୍ଥନିବାସଠାରେ ତା ୩୦/୦୩/୨୦୨୫ରିଖ ଦିନ ଏକ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ତଥା ବିଶିଷ୍ଟ କବି ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ମିଶ୍ରଙ୍କ ସଭାପତିତ୍ୱରେ ନୂତନ କାର୍ଯ୍ୟକାରୀ ପରିଷଦ ଗଠିତ ହୋଇଥିଲା ଏବଂ ତାହା ସାଧାରଣ ପରିଷଦର ସଦସ୍ୟ ମାନଙ୍କ ଦ୍ୱାରା ସର୍ବସମ୍ମତିକ୍ରମେ ଅନୁମୋଦିତ ହୋଇଥିଲା। କବିତା ପାଠୋତ୍ସବ ଅଧିବେଶନରେ ବିଶିଷ୍ଟକବି ଡକ୍ଟର ଭଗବାନ ଜୟସିଂ, ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ମିଶ୍ର, ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ, କବୟିତ୍ରୀ ବ୍ରଜେଶ୍ୱରୀ ବେହେରା ଓ ସୁଶ୍ରୀ ଆଲୋକିତା ମିଶ୍ର ସ୍ୱରଚିତ କବିତା ପାଠ କରିଥିଲେ। ସଭା ପରିଶେଷରେ ଶ୍ରୀଯୁକ୍ତ ବଦ୍ରି ପ୍ରସାଦ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱିତୀୟ ହରପ୍ରିୟା ସାହିତ୍ୟ ଉତ୍ସବ -୨୦୨୫ ଅନୁଷ୍ଠିତ



ବାଲକାଟି,(ପି.ଏନ):ବାଲିଅନ୍ତା ବ୍ଲକ ହୀରାପୁର ଗ୍ରାମର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ହରପ୍ରିୟା ଫାଉଣ୍ଡେସନ ଟ୍ରଷ୍ଟ ଆନୁକୂଲ୍ୟରେ ଦ୍ୱିତୀୟ ହରପ୍ରିୟା ସାହିତ୍ୟ ଉତ୍ସବ ସ୍ଥାନୀୟ ଯଶୁଆପୁର ବାଲିପୋଖରି ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ମୁଖ୍ୟ ଦୀନବନ୍ଧୁ ଭୋଇ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଚ଼ଳଚ୍ଚିତ୍ର ସଂଳାପ ଲେଖକ ଓ ବରିଷ୍ଠ ସାହିତ୍ୟିକ ଡ଼. ରଜନୀ ରଞ୍ଜନ ଦାଶ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଓ ଶିଶୁ ସାହିତ୍ୟିକ ବଙ୍କିମ ଚ଼ନ୍ଦ୍ର ନାୟକ,ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ କାଳନ୍ଦୀ ଚ଼ରଣ ସାହୁ, ସାହିତ୍ୟିକ ଡ ପ୍ରସନ୍ନ ଦଶ, ଗାଳ୍ପିକା କମଳିନୀ ମଲ୍ଲିକ, ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ଯୋଗଦେଇ ସାହିତ୍ୟ ହେଉଛି ସୃଜନଶିଳତାର ଏକ ଅଭିଛେଦ୍ୟ ଅଙ୍ଗ । ସାହିତ୍ୟ ନିଜ ଅଞ୍ଚଳର ପରିଚ଼ୟ ପ୍ରତିପାଦନ କରିବାରେ ସହାୟକ ହୋଇଥାଏ । ସାହିତ୍ୟ ବଞ୍ଚିଲେ ରାଜ୍ୟ ଓ ଦେଶ ବଞ୍ଚିବ । ସାହିତ୍ୟକୁ ଉଜ୍ଜୀବିତ କରିବାପାଇଁ ଆଜିର ଯୁବ ସମାଜ ଆଗେଇ ଆସିବା ଆବଶ୍ୟକ ବୋଲି ନିମନ୍ତ୍ରୀତ ଅତିଥିମାନେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବିଶିଷ୍ଟ କବି ସାହିତ୍ୟିକ ନିଜର କବିତା ପଠନ କରିଥିଲେ । ଉତ୍ସବରେ ସାହିତ୍ୟ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ 'ସାରସ୍ୱତ ସ୍ରଷ୍ଟା ' ସମ୍ମାନରେ ସ୍ୱର୍ଣ୍ଣଲତା ପତିଙ୍କୁ ସମ୍ମାନିତ କରାଯାଇଥିଲା ବେଳେ ସମାଜସେବା କ୍ଷେତ୍ରରେ ସୁଜିତ୍ ବେହେରା, ରେଣୁକା ସେଠୀ, ନିରଞ୍ଜନ ନାୟକ, ଦୁର୍ଯ୍ୟୋଧନ ପ୍ରଧାନ, ସାମ୍ବାଦିକ କ୍ଷେତ୍ରରେ ଆସିତ୍ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯୁବ ଗୀତିକାର ସୋନାଲି ପ୍ରିୟଦର୍ଶିନୀ ଓ ଅଧାପିକା ପ୍ରତିମା ଭୋଇ ମଞ୍ଚ ପରିଚ଼ାଳନା କରିଥିବା ବେଳେ ଅନୁଷ୍ଠାନର ଅନ୍ୟତମ ଟ୍ରଷ୍ଟି ଶ୍ରୀ କୁମାର ଆଶୁତୋଷ ଭୋଇ, ଉମାକାନ୍ତ ବେହେରା, ଗୋଲେଖ ବେହେରା, ଦୀପକ ସ୍ୱାଇଁ ଓ କବି ରାମହରି ମହାରଣା ମଞ୍ଚ ପରିଚ଼ାଳନାରେ ସହଯୋଗ କରିଥିଲେ। ଶେଷରେ ଆଶୁତୋଷ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମଧୁ ବାବୁ ଓ ଗୋପବନ୍ଧୁଙ୍କୁ ମିଳିନି ଯଥୋଚିତ ସମ୍ମାନ

ଭୁବନେଶ୍ୱର, (ପି.ଏନ): ଜାତୀୟବାଦ ଆନ୍ଦୋଳନ, ଓଡ଼ିଆ ଭାଷାର ସୁରକ୍ଷା ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମହାଯୋଦ୍ଧାଥିଲେ ବିଶ୍ୱମଣି ଗୋପବନ୍ଧୁ ଦାସ । ସେହିପରି ଓଡ଼ିଆଙ୍କ ଶିଳ୍ପ, କଳା ଭାସ୍କର୍ଯ୍ୟ ଓ ଐତିହ୍ୟର ସ୍ୱାତନ୍ତ୍ର୍ୟକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଧନିରୁ ଗରିବ ହୋଇଥିବା ବିଶ୍ୱ ଗୌରବ ମଧୁସୂଦନ ଦାସ ଭାଷାଭିର୍ତ୍ତିକ ରାଜ୍ୟ ବା ପ୍ରଦେଶ ଗଠନର ପ୍ରମୁଖ ବିନ୍ଧାଣିଥିଲେ। ହେଲେ ଏହି ଦୁହିଁ ମହାପୁରୁଷଙ୍କୁ ଭାରତବର୍ଷରେ ମିଳିନି ଯଥୋଚିତ ସମ୍ମାନ। ମରୋଣତୋର ଭାରତରତ୍ନ ପ୍ରଦାନ ସହିତ ଗୋପବନ୍ଧୁ ଓ ଧୁବାବୁଙ୍କ ପ୍ରତିମୂର୍ତ୍ତି ସଂସଦ ଭବନ ପରିସରରେ ସ୍ଥାପନା ଓ ଗୋପବନ୍ଧୁ ଓ ମଧୁସୂଦନ ନାମରେ ରେଳ ଗାଡି ଚଲାଇବା ପାଇଁ ଦାବି ଥମିନାହିଁ। ଏନେଇ ଅଲ ଓଡ଼ିଶା ଲୟର୍ସ ଫୋରମର ଏକ ପ୍ରତିନିଧି ମଣ୍ଡଳୀ ସିକିମ୍ ରାଜ୍ୟରେ ଦସ୍ତଖତ ସଂଗ୍ରହ କରିଛି। ସିକିମ୍‌ର ଗ୍ୟାଙ୍ଗଟକ୍ ଠାରେ ଓଡ଼ିଆଙ୍କ ସ୍ୱାକ୍ଷର ସଂଗ୍ରହ କରାଯାଇଥିଲା। ଗୋପବନ୍ଧୁ ଓ ମଧୁବାବୁଙ୍କୁ ଜାତିର ପିତା ମହାତ୍ମା ଗାନ୍ଧୀ, ଦେଶର ପ୍ରଥମ ରାଷ୍ଟ୍ରପତି ବାବୁ ରାଜେନ୍ଦ୍ର ପ୍ରସାଦ, ଜନସଙ୍ଘ ତଥା ଏବେର ଭାରତୀୟ ଜନତା ଦଳର ପ୍ରତିଷ୍ଠାତା ଶ୍ୟାମା ପ୍ରସାଦ ମୁଖାର୍ଜୀ ଓ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଆଦି ବହୁ ବ୍ୟକ୍ତି କିପରି ଜାଣି ଥିଲେ ଓ ସମ୍ମାନ ଦେଉଥିଲେ ସେ ସମ୍ପର୍କରେ ଆଲୋଚନା କରଯିବା ସହ ସ୍ୱାକ୍ଷର ସଂଗ୍ରହ କରାଯାଇଛି। ସେହିପରି ଓଡ଼ିଆ ଭାଷାର ବ୍ୟବହାର ବ୍ୟାପକ କରିବାକୁ ଆଲୋଚନା କରାଯାଇଥିଲା। ଫୋରମର ଆବାହକ ଲିଙ୍ଗରାଜ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ଡ଼ ଚିନ୍ମୟ ନନ୍ଦ ବଡ଼ଜେନା, ବସନ୍ତ ବରାଳ, ସତ୍ୟ ଗିରି, ସୁମନ୍ତ କୁମାର, ସୁନିଲ ବରାଳ, ବାସୁଦେବ ବିଶ୍ୱାଳ ସମେତ ବହୁବ୍ୟକ୍ତି ସାମିଲ ହୋଇଥିଲେ। ପ୍ରକାଶ ଥାଉକି, ମଧୁବାବୁଙ୍କୁ ଦେଶରେ ଯଥୋଚିତ ସମ୍ମାନ ପ୍ରଦାନ ଦାବିରେ ଏହା ପୂର୍ବରୁ ବିଦେଶରେ ଓ ୨୦ଟି ବିଭିନ୍ନ ରାଜ୍ୟରୁ ଦସ୍ତଖତ ସଂଗ୍ରହ କରାଯିବା ସହ ଆଲୋଚନାଚକ୍ର କରାଯାଇ ମତ ନିଆଯାଇଛି।

## ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ 'ଗ୍ରୀନ ଶକ୍ତି' ନେତୃତ୍ୱ କାର୍ଯ୍ୟକ୍ରମର ଶୁଭାରମ୍ଭ



ରାଉରକେଲା,(ପି.ଏନ) : ଓଡିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଭାରତୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ପଲିସି, ଇଣ୍ଡିଆନ ସ୍କୁଲ ଅଫ୍ ବିଜ୍‌ନେସ୍ (ଆଇଏସବି) ସହ ସହଭାଗିତାରେ 'ଗ୍ରୀନ ଶକ୍ତି ପ୍ରଡ୍ୟୁସର କମ୍ପାନୀ ବିଜ୍‌ନେସ୍ ଏଂଟରପ୍ରାଇଜ ଲିଡରସିପ କୋହର୍ଟ' ଶୁଭାରମ୍ଭ କରାଯାଇଛି। ଏହି ମିଳିତ ପଦକ୍ଷେପ ଓଡିଶାର ମୟୁରଭ, କେଉଁଝର, ରାୟଗଡା, ନବରଙ୍ଗପୁର, କୋରାପୁଟ ଓ ମାଲ୍‌କାନଗିରି ଜିଲ୍ଲାରେ ମହିଳାମାନଙ୍କ ନେତୃତ୍ୱରେ ଥିବା ୩୦ଟି ଜଙ୍ଗଲ-ଭିତିକ ଉଦ୍ୟୋଗକୁ ସଶକ୍ତ କରିବା ପାଇଁ ଉତ୍ସର୍ଗୀକୃତ ରହିଛି। ଏହି ପଦକ୍ଷେପ ଅଧିନରେ ୩୦ଟି ଜଙ୍ଗଲ ଉତ୍ପାଦକ କମ୍ପାନୀ ସ୍ଥାପନ କରାଯାଇଛି ଯାହା ୩୦୦ ମହିଳା ଲିଡରଙ୍କ ଏକ ମଜବୁତ ନେଟ୍‌ୱର୍କ ଗଠନ କରିଛି। ଏହି ନେଟ୍‌ୱର୍କ ଅଗଷ୍ଟ ୨୦୨୫ ପର୍ଯ୍ୟ' ଗଠନମୂଳକ କାର୍ଯ୍ୟକ୍ରମ ଅବଧି ମାଧ୍ୟମରେ ବିସ୍ତାର କରିବା ଜାରି ରଖିବ।ଏହି ମିଳିତ ପଦକ୍ଷେପର ଅଂଶ ଭାବେ ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ନିକଟରେ ଏକ ତିନି ଦିନିଆ ଯୋଜନା ଓ ଶିକ୍ଷଣୀୟ କର୍ମଶାଳାର ଆୟୋଜନ କରାଯାଇଥିଲା । ଯେଉଁଠାରେ ଏକ ଦାୟିତ୍ୱପୂର୍ଣ୍ଣ ଜଙ୍ଗଲ ଅର୍ଥନୀତି ବିକଶିତ କରିବା ଉପରେ ରଣନୀତି ପ୍ରସ୍ତୁତ କରିବା ପାଇଁ ୧୭୦ରୁ ଅଧିକ ବୋର୍ଡ ମେମ୍ବର ଏକତ୍ରିତ ହୋଇଥିଲେ। ଏହି ଲିଡରସିପ ପ୍ରୋଗ୍ରାମ ଆର୍ଥିକ ସାକ୍ଷରତା, ନେତୃତ୍ୱ, ବ୍ୟବସାୟ ପରିଚାଳନା ଓ ସ୍ଥାୟୀ ସଂଶାଧନ ଉପଯୋଗ ପ୍ରସଙ୍ଗରେ ବିସ୍ତୃତ ତାଲିମ ପ୍ରଦାନ କରିଛି। ଉଦ୍‌ଘାଟନୀ ଅଧିବେଶନଗୁଡିକରେ ବୋର୍ଡର ନିର୍ଦ୍ଦେଶକ ଓ ପ୍ରମୋଟରଙ୍କ ସହ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ଉତ୍ପାଦକ କମ୍ପାନୀ ୧୦୦୦ରୁ ଅଧିକ ପ୍ରାଥମିକ ଉତ୍ପାଦନକାରୀଙ୍କୁ ନିଯୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି, ଯାହା ପ୍ରତ୍ୟକ୍ଷ ରୂପେ ଜିଲ୍ଲାଗୁଡିକରେ ୩୦,୦୦୦ରୁ ଅଧିକ ମହିଳାଙ୍କୁ ଲାଭାନ୍ୱିତ କରିବ।ଏହି ପଦକ୍ଷେପର ପରିବର୍ତନଶୀଳ ସମ୍ଭାବନାକୁ ଆଲୋକପାତ କରି ମିଶନ ଶକ୍ତି ବିଭାଗର ଆୟୁକ୍ତ ତଥା ସଚିବ, ଆଇଏଏସ୍ ଶ୍ରୀମତି ଶାଳିନୀ ପଣ୍ଡିତ କହିଛନ୍ତି, 'ଏହି କର୍ମଶାଳାରେ ଯୋଜନା ଅଧିବେଶନଗୁଡିକୁ ରଣନୈତିକ ବ୍ୟବସାୟିକ ଅଭିବୃଦ୍ଧି ସହ ମହିଳା ଲିଡରଙ୍କୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିଲା, ଯାହା ଏହି ଜିଲ୍ଲାଗୁଡିକରେ ସାମୂହିକ ବିକାଶ ଓ ସାମାଜିକ ପ୍ରଗତି ପାଇଁ ଏକ ମୂଳଦୁଆ ସ୍ଥାପନ କରିଛି।' ନିଜ ଅଭିଭାଷଣରେ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ତଥା ସିଇଓ ଏବଂ ମୁଖ୍ୟ ଅତିଥି ଡଃ ମୋନିକା ପ୍ରିୟଦର୍ଶନୀ କହିଥିଲେ, ' ଏହି ତିନି ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବହୁ ଦୂରରୁ ଆସିଥିବା ମହିଳା ଉଦ୍ୟୋଗୀମାନେ ଏକତ୍ରିତ ହୋଇଥିଲେ। ଏହି ପଦକ୍ଷେପ ଅଧିନରେ ସେମାନେ ସାଲ ବୀଜ ସହ ନିୟୋଜିତ ହେବେ । ଏହା ଏକ ଉତ୍ପାଦ ଯାହା ଏହାର ଚର୍ବି ଓ ତେଲ ପାଇଁ ଘରୋଇ ଓ ଆ'ର୍ଜାତୀୟ ସ୍ତରରେ ଅତ୍ୟଧିକ ଚାହିଦାରେ ରହିଛି। ଏହି କର୍ମଶାଳା ଉତ୍ପାଦକ କମ୍ପାନୀଗୁଡିକୁ ଲାଭ ବୃଦ୍ଧି ପାଇଁ ଆବଶ୍ୟକୀୟ ସୂଚନା ସହ ସୁସଜ୍ଜିତ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ପ୍ରତ୍ୟେକ ମହିଳା ଲିଡରଙ୍କୁ ଜଣେ କୋଟିପତି ଦିଦିର ମାନ୍ୟତା ପ୍ରଦାନ କରିବ।' ସେହିଭଳି ଆଇଏସବିରେ ଭାରତୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ପଲିସିର କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ଛତ୍ରେ କହିଛନ୍ତି, 'ଭାରତର ଜଙ୍ଗଲଗୁଡିକରେ ଅପାର ସମ୍ଭାବନା ରହିଛି। ଆସ'। କିଛି ମାସ ମଧ୍ୟରେ ଓଡିଶାରେ ଅପରେଶନଗୁଡିକ ବହୁମାତ୍ରାରେ ବିସ୍ତାର ହେବ ବୋଲି ଆମେ ଆଶା କରୁଛୁ , ଯାହା ଜନତା, ଲାଭ ଓ ପୃଥିବୀ ପାଇଁ ସକାରାତ୍ମକ ଫଳାଫଳ ସୃଷ୍ଟି କରୁଥିବା ଏକ ସମୃଦ୍ଧ ଜଙ୍ଗଲ ଅର୍ଥନୀତି ଗଠନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।'

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray